ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.77 Bhubaneswar Tuesday 03 2022 | ୨୫ତମ ବର୍ଷ ସଂଖ୍ୟା-୭୭ ଭୁବନେଶ୍ୱର, ମଙ୍ଗଳବାର, ମଇ ୦୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

ବିଧାୟକଙ୍କ ସହିତ ବିଡିଓ ଖେଳିଥିଲେ ଲୁଚ୍‌କାଳି !

ଦେବଗଡ,୨।୫(ପି.ଏନ) : 'ବିଧାୟକଙ୍କୁ ସମୟ ଦେଇ ଉଭାନ ହୋଇଯାଇଥିଲେ ବିଡିଓ। ଫୋନ୍ କରିବାରୁ ଏ ଜାଗା ସେ ଜାଗା ଶିଡାଇଥିଲେ। ଆଉ ୪ ଘଣ୍ଟା ପରେ ଯେତେବେଳେ ବିଡିଓଙ୍କ ଦେଖା ମିଳିଲା ସେତେବେଳେ ଗାଳି ଶୁଣିବା ସହିତ ହତ୍ୟା ଧମକ ପାଇଥିଲେ ବିଧାୟକ।' ତିଳେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ମାଡ ମାରିବା ଘଟଣାରେ ଗିରଫ ହୋଇଥିବା ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ସେଦିନ (ଶନିବାରର) ଘଟଣାକୁ କିଛି ଏମିତି ଢଙ୍ଗରେ ବର୍ଣ୍ଣନା କରିଛନ୍ତି।ଅସୁସ୍ଥତା ଯୋଗୁ ଆଜି ହସ୍ ?ପିଟାଲ୍ ?ରେ ଭର୍ତ୍ତି ହୋଇଥିବା ବିଧାୟକ ଶ୍ରୀ ପାଣିଗ୍ରାହୀ କହିଛନ୍ତି, ସେଦିନ ମୁଁ ବିଡିଓଙ୍କୁ ଫୋନ୍ କରି ବ୍ଲକ୍ ?କୁ ଯାଇ ତାଙ୍କ ସହିତ କିଛି ଆଲୋଚ୍‌ନା କରିବାର ଅଛି ବୋଲି କହିଥିଲି। ସେ ମୋତେ ୯ଟା ବେଳେ ଆସିବାକୁ କହିଥିଲେ। ମୁଁ ପହଞ୍ଚିଲା ବେଳକୁ ସେ ଅଫିସ୍ ?ରେ ନଥିଲେ। ତାଙ୍କୁ ଫୋନ୍ କଲି। ସେ ଦୁଧିଆନାଳି ପଞ୍ଚାୟତରେ ଥିବା କହିଥିଲେ। ତା'ପରେ ଆମେ ଦୁଧିଆନାଳି ଗଲୁ। କିନ୍ତୁ ସେ ସେଠାରେ ବି ନଥିଲେ। ପୁଣି ଫୋନ୍ କରିବାରୁ ବିଡିଓ କହିଲେ ସେ ଜାମୁନାଳିରେ ଅଛନ୍ତି। ଆମେ ଜାମୁନାଳି ଗଲୁ। ବିଡିଓ ସେଠି ମଧ୍ୟ ନଥିଲେ। ପୁଣି ଫୋନ୍ କଲୁ। ସେ କହିଲେ ଭାଳିଆଡିହିରେ ଅଛନ୍ତି। ଆମେ ଭାଳିଆଡିହି ଗଲୁ। ତା'ପରେ ଆମେ ଫୋନ୍ କଲୁ। କିନ୍ତୁ ଫୋନ୍ ଲାଗିଲାନି। ତା'ପରେ ଆମେ ବ୍ଲକ୍ ?କୁ ଫେରିଗଲୁ। ବ୍ଲକ୍ ?ରେ ବି ବିଡିଓ ନଥିଲେ। ପୁଣି ଫୋନ୍ କଲୁ। ଏଥର ତାଙ୍କ ଫୋନ୍ ଲାଗିଲା। ସେ କହିଲେ ଗୋଟିଏ ଅଲଗା କାମରେ ଛେପଲିପାଲି ଅଞ୍ଚଳରେ ଅଛନ୍ତି। ଆହୁରି ପଢ଼ନ୍ତୁ କାଳ ୯ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ଆମେ ବିଡିଓଙ୍କୁ ପିଛା କରିଥିଲୁ କଥା ହେବା ପାଇଁ। କିନ୍ତୁ କଥା ପଦେ ହୋଇପାରୁଲୁ ନାହିଁ। ଆମେ ଛେପଲିପାଲିରେ ପହଞ୍ଚିଲା ବେଳକୁ ସେ କାମ ସାରି ଫେରୁଥିଲେ। ବିଡିଓଙ୍କୁ ଦେଖାହେବା ପରେ ମୁଁ ତାଙ୍କୁ ପଚାରିଥିଲେ ଯେ ସେ କାହିଁକି ଆମ ସହିତ ଲୁଚ୍‌କାଳି ଖେଳୁଛନ୍ତି ?

ବିଧାୟକ କହିଛନ୍ତି, ବିଡିଓଙ୍କୁ ପ୍ରଶ୍ନ କରିବାରୁ ସେ କହିଥିଲେ- 'ଆପଣ ବିଧାୟକ ହେଲେ କ'ଣ ହେଲା ? ଆପଣ ଯାହା କହିବେ ଆମେ କ'ଣ ମାନିବୁ ?' ଏହା ସହିତ ସେ ମୋତେ ଅଶ୍ଳୀଳ ଭାଷାରେ ଗାଳି କରିଥିଲେ। ଏମିତିକି ଭୁବନେଶ୍ୱରରୁ ଗୁଣ୍ଡା ଆଣି ମୋତେ ମାରି ଦେବାକୁ ସେ ଧମକ ଦେଇଥିଲେ।ସେ ଆହୁରି କହିଛନ୍ତି, ଜଣେ ବିଡିଓ ଏଭଳି ଦୁର୍ବ୍ୟବହାର କରିବା ଓ ହତ୍ୟା ଧମକ ଦେବା ମୁଁ କେବେ ବି ଆଶା କରି ନଥିଲି। ତେଣୁ ସଙ୍ଗେ ସଙ୍ଗେ ଆସି ଥାନାରେ ଏତଲା ଦେଲି। କିନ୍ତୁ ବିଡିଓ ଦୁଇ ତିନି ଘଣ୍ଟା ପରେ ଗପ ଲେଖି ମୋ ନାଁରେ ଏତଲା ଦେଇଥିଲେ, ଯେମିତି ଅଧିକରୁ ଅଧିକ ଦଫା ମୋ ବିରୋଧରେ ଲାଗି ପାରିବ। ବିଡିଓ ଯାହା କହୁଛନ୍ତି ସବୁ ମିଛି। ସେ ଦୁର୍ନୀତି କରୁଛନ୍ତି। ଆମେ ପ୍ରଶ୍ନ କରିବାକୁ ଚାହିଁବାରୁ ଲୁଚ୍‌କାଳି ଖେଳୁଛନ୍ତି।ଶନିବାର ତିଳେଇବଣି ବିଡିଓ କୃଷ୍ଣଚନ୍ଦ୍ର ଦଳପତି ତାଙ୍କ ଏତଲାରେ ଦର୍ଶାଇଥିଲେ ଯେ ସେ ଛେପଲିପାଲି ପଞ୍ଚାୟତର ଭାଳିଆଗୁଡି ଗାଁକୁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଏକ ଯୁଗ୍ମ ତଦନ୍ତରେ ଯାଇଥିବା ବେଳେ ଦିନ ସାଢ଼େ ୧୦ଟାରୁ ୧୨ ମଧ୍ୟରେ ତିନୋଟି ନମ୍ବରରୁ ତାଙ୍କ ମୋବାଇଲ୍ ଫୋନ୍‌କୁ କଲ୍ ଆସିଥିଲା। ତାଙ୍କୁ ବିଧାୟକ ଦେଖା କରିବାକୁ ଚାହୁଁଛନ୍ତି ବୋଲି କୁହାଯାଇଥିଲା। ତେବେ ସେ କାମ ସାରି ବିଧାୟକଙ୍କୁ ସାକ୍ଷାତ କରିବେ ବୋଲି କହିଥିଲେ। ତେବେ ସେ କାମ ସାରି ବିଧାୟକଙ୍କୁ ସାକ୍ଷାତ କରିବେ ବୋଲି କହିଥିଲେ। କିନ୍ତୁ କିଛି ସମୟ ପରେ ଦେବଗଡ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ ତାଙ୍କ ସହଯୋଗୀ ପ୍ରତାପ କୁମାର ପଣ୍ଡା, ରୁନା ପଣ୍ଡା, ଅକାଳୁ ଧଳ, କୁମାରମଣି ସାହୁ ଓ ଦେବାଶିଷ କର (ବାବୁଲି)ଙ୍କ ସମେତ ୧୦ରୁ ଅଧିକ କର୍ମୀଙ୍କୁ ଧରି ଭାଳିଆଗୁଡି ଗାଁରେ ପହଞ୍ଚିଥିଲେ। ସେମାନେ ସେଠାରେ ପହଞ୍ଚିବା ପରେ ତାଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇଥିଲେ। ଏହି ସମୟରେ ପ୍ରତାପ କୁମାର ପଣ୍ଡା ତାଙ୍କୁ ବଳପୂର୍ବକ ଉଠାଇ ନେଇ ବିଧାୟକଙ୍କ ଗାଡିରେ ଭର୍ତ୍ତି କରିବାକୁ ଉଦ୍ୟମ କରିଥିଲେ। ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କ ସମେତ ଅନ୍ୟମାନେ ତାଙ୍କ ଠାରୁ ମୋବାଇଲ ଫୋନ୍, ଡାଇରୀ ଓ ଅନ୍ୟାନ୍ୟ ସରକାରୀ କାଗଜପତ୍ର ଲୁଟି ନେଇଥିଲେ। ସେମାନେ ତାଙ୍କୁ ଗାଡି ମଧ୍ୟକୁ ଘୋଷାଡି ନେବା ବେଳେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏମିତିକି ଜାତିଆଣ ଆକ୍ଷେପ କରିବା ସହିତ ବିଧା, ଗୋଇଠା ଓ ମୁଥା ମାରିଥିଲେ। ସେ ତଳେ ପଡିଯିବାରୁ ବିଧାୟକଙ୍କ କିଛି ସହଯୋଗୀ ତାଙ୍କୁ ମାରି ଦେବା ଉଦ୍ଦେଶ୍ୟରେ ତାଙ୍କ ଅଣ୍ଡକୋଷକୁ ଗୋଇଠା ମାରିଥିଲେ ବୋଲି ବିଡିଓ ଶ୍ରୀ ଦଳପତି ତାଙ୍କ ଏତଲାରେ ଦର୍ଶାଇଥିଲେ।

କାଲି ଚାଷୀଙ୍କୁ ମିଳିବ କାଳିଆ ଟଙ୍କା

ଭୁବନେଶ୍ୱର , ୨।୫(ପି.ଏନ): ଆସନ୍ତାକାଲି ଚାଷୀଙ୍କୁ ମିଳିବ କାଳିଆ ଟଙ୍କା । ମଙ୍ଗଳବାର ଦିନ ଅକ୍ଷୟ ତୃତୀୟା ଅବସରରେ ପ୍ରତ୍ୟେକ କାଳିଆ ହିତାଧିକାରୀଙ୍କୁ ୨ହଜାର ଟଙ୍କା ଲେଖାଏଁ ମିଳିବ । ସିଧାସଳଖ ହିତାଧିକାରୀଙ୍କ ଆକାଉଂଟକୁ ଟଙ୍କା ପଠାଯିବ।ସୂଚନାଯୋଗ୍ୟ ଯେ ୨୦୧୮ ମସିହାରୁ ଚାଷୀଙ୍କ ପାଇଁ କାଳିଆ ଯୋଜନା ଆରମ୍ଭ କରିଛନ୍ତି ରାଜ୍ୟ ସରକାର । ପ୍ରତି ବର୍ଷ ୨ ଟି ପର୍ଯ୍ୟାୟରେ ଚାଷୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ଚଳିତ ବର୍ଷର ପ୍ରଥମ କିସ୍ତି କାଳିଆ ଟଙ୍କା ଚାଷୀଙ୍କ ଆକାଉଂଟକୁ ଯିବ । ରାଜ୍ୟରେ ମୋଟ ୪୦ ଲକ୍ଷ ଚାଷୀଙ୍କ ଆକାଉଂଟକୁ ୮ ଶହ କୋଟି ଟଙ୍କା ଦେବେ ସରକାର ।

ଏଫ.ଏମ୍. ମେଡ଼ିକାଲ କଲେଜରେ ଭ୍ରାମ୍ୟମାଣ ବସ ସାହାଯ୍ୟରେ ଲାପାରୋସ୍କୋପି ଚିକିତ୍ସାର ପ୍ରସକ୍ଷିଣ ଶିବିର

ବାଲେଶ୍ୱର,୨।୫(ପି.ଏନ): ଲାପାରୋସ୍କୋପି ମାଧ୍ୟମରେ ଅସ୍ତ୍ରୋପଚାରା ବେଶ୍ ଜନାଦୃତ। କିନ୍ତୁ ଏହି ଜଟିଳ ଅପରେସନକୁ ସରଳ ଓ ସହଜ କରିବା ପାଇଁ ଉପଯୁକ୍ତ ପ୍ରଶିକ୍ଷିଣ ଓ ନିୟମିତ ଅଭ୍ୟାସର ଆବଶ୍ୟକତା ରହିଛି। ଏହି ଆବାଶ୍ୟକତାକୁ ଉପଲବ୍ଧି କରି ଏଫ.ଏମ୍. ମେଡ଼ିକାଲ କଲେଜର ସର୍ଜରୀ ବିଭାଗର ପ୍ରଫେସର ଓ ମୁଖ୍ୟ ଡା. ସୁଶୀଲ କୁମାର ପଟ୍ଟନାୟକଙ୍କ ଉଦ୍ୟମରେ ନିଜ କଲେଜ ପରିସରରେ ମୁଖ୍ୟତଃ ସର୍ଜରୀ ଏବଂ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଏବଂ ଛାତ୍ରଛାତ୍ରୀଙ୍କ ତାଲିମ୍ ଉଦ୍ଦେଶ୍ୟରେ ଜନସନ ଓ ଜନସନ ଇଷ୍ଟିଚ୍ୟୁଟ ସହାୟତାରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଛି। ଅତ୍ୟାଧୁନିକ ଯନ୍ତ୍ରପାତି ଧରି ଆସିଥିବା ଜନସନର ଓ ଜନସନର ଏକ ବସକୁ ଆଜି ପୂର୍ବାହ୍ନରେ ମେଡ଼ିକାଲ କଲେଜର ଭାରପ୍ରାପ୍ତ ଡିନ ତଥା ସର୍ଜରୀ ବିଭାଗର ମୁଖ୍ୟ ଡା ସୁଶୀଲ କୁମାର ପଟ୍ଟାୟକ, ହସ୍ପିଟାଲ ଭାରପ୍ରାପ୍ତ ଅଧିକ୍ଷିକ ଡଃ ବରରୁଟି ଦାସ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡଃ ବନ୍ଦନା ମହାପାତ୍ର, ଅନ୍ୟାନ୍ୟ ବରିଷ୍ଠ ଡାକ୍ତରଗଣ ଏବଂ ପ୍ରଶାସନିକ ଅଧିକାରୀ ମନୋରମା ଭୂୟାଁଙ୍କ ଉପସ୍ଥିତରେ ଉଦ୍‌ଘାଟନ କରିଥିଲେ। ଜନସନ ଓ ଜନସନ କମ୍ପାନୀର ମାଷ୍ଟର ଟ୍ରେନର ଶମ୍ଭୁନାଥ ଝାଙ୍କ ଉପସ୍ଥିତିରେ ସିମୁଲେଟରମେସିନ ମାଧ୍ୟମରେ ଲାପାରୋସ୍କୋପି ପଦ୍ଧତିଦ୍ୱାରା ସିଲେଇ କରିବା ଓ ଗଣ୍ଠି ପକାଇବା ଶିକ୍ଷାଲାଭ କରିବାକୁ ସମସ୍ତଙ୍କୁ ସୁଯୋଗ ମିଳିପାରିଛି। ଏହି ଜ୍ଞାନକୌଶଳ ଲାପାରୋସ୍କୋପି ଅସ୍ତ୍ରୋପ୍ରଚାର ଶୈଳୀରେ ଉନ୍ନତି ଆଣିବା ସହିତ ଅଞ୍ଚଳବାସୀ ଉପକୃତ ହୋଇ ପାରିବେ ବୋଲି ଡଃ ପଟ୍ଟନାୟକ କହିଛନ୍ତି ।

୬ରେ ଲଘୁଚାପ ହେବା ଥୟ, ବାତ୍ୟା ଅସ୍ପଷ୍ଟ

ଭୁବନେଶ୍ୱର,୨।୫(ପି.ଏନ): ଆସନ୍ତା ୬ ତାରିଖରେ ଲଘୁଚାପ ସୃଷ୍ଟି ହେବା ଥୟ। ହେଲେ ଲଘୁଚାପ ବାତ୍ୟା ରୂପ ନେବ ନା ନାହିଁ ଏବେ ବି ଆକାଳନ ଅସ୍ପଷ୍ଟ। ୫ ତାରିଖ ବେଳକୁ ଏହା ସ୍ପଷ୍ଟ ହେବ ବୋଲି ପାଣିପାଗ ବିଭାଗର ବିଶେଷଜ୍ଞମାନେ ପ୍ରକାଶ କରୁଛନ୍ତି। ଦକ୍ଷିଣ-ଆଣ୍ଡାମାନ ସାଗରରେ ୪ ତାରିଖରେ ଘୂର୍ଣ୍ଣିବଳୟ ରୂପ ନେବ।ତେବେ ପାଣିପାଗ ବିଭାଗର ବିଭିନ୍ନ ମଡେଲ ବାତ୍ୟା ହେବା ନେଇ ଆକଳନ କରୁଥିବାରୁ ଲୋକଙ୍କ ମନରେ ଛନକା ପଶିଛି। ଭାରତୀୟ ପାଣିପାଗ ବିଭାଗର ସୂଚ୍‌ନା ଅନୁଯାୟୀ, ବିଭାଗୀୟ ମଡେଲ୍ ମୁତାବକ ଏବେ ଆଉ ଲଘୁଚାପ ନେଇ ସନ୍ଦେହ ନାହିଁ। ହେଲେ ଲଘୁଚାପ ପରେ ଏହା କେତେ ଘନୀଭୂତ ହେବ, କେଉଁ ରୂପ ନେବ, ବାତ୍ୟା ହେଲେ ତାର ପ୍ରଭାବ କଣ ରହିବ ଏବଂ କେଉଁଠି ଲ୍ୟାଣ୍ଡଫଲ୍ କରିବ ସେଥିପାଇଁ ଆଉ ୩ରୁ ୪ ଦିନ ଅପେକ୍ଷା କରିବାକୁ ପଡ଼ିବ। ତେବେ ବାତ୍ୟା ପାଇଁ ଅନୁକୂଳ ବାତାବରଣ ଥିବାରୁ ବିଭିନ୍ନ ମଡେଲ୍ ଅନୁସାରେ ବାତ୍ୟା ସମ୍ଭାବନା ରହୁଥିବା କହିଛନ୍ତି ଆଇଏମଡି ବୈଜ୍ଞାନିକ ଆର.କେ. ଜେନାମଣି।୯ରୁ ୧୦ ତାରିଖ ଭିତରେ ବାତ୍ୟା ଓଡିଶା ଉପକୂଳ ଛୁଇଁବା ନେଇ ଇନ୍‌କୋ ଇସ୍ ଓ ଡ୍ରିଣ୍ଡି ଭଳି କିଛି ମଡେଲ୍ ଆକଳନ କରିଛି। ଯାହା ଲୋକଙ୍କ ମନରେ ବାତ୍ୟାର ଭୟ ସଞ୍ଚାର କରିଛି।ଇନ୍‌କୋଇସ୍ ମଡେଲ୍ ଆସନ୍ତା ୯ ତାରିଖ ବେଳକୁ ବାତ୍ୟା ଉତ୍ତର ବାଲେଶ୍ୱରରେ ଲ୍ୟାଣ୍ଡ ଫଲ୍ କରିବାର ସମ୍ଭାବନାକୁ ଦର୍ଶାଉଛି। ଯେତେବେଳେ କି ଡ୍ରିଣ୍ଡି ମଡେଲ୍ କହୁଛି ୧୦ ତାରିଖ ବେଳକୁ ପାରାଦୀପରୁ ଧାମରା ଭିତରେ ବାତ୍ୟା ଲ୍ୟାଣ୍ଡଫଲ୍ କରିପାରେ। ତେବେ ପାଣିପାଗ ବିଶେଷଜ୍ଞ ଶରତ ସାହୁଙ୍କ କହିବା କଥା ବର୍ତ୍ତମାନ ଯେଉଁ ମଡେଲ୍ ଦେଖାଉଛି ସେ ଅନୁଯାୟୀ ଓଡ଼ିଶା ଉପରେ ବାତ୍ୟାର ପ୍ରଭାବ ପଡ଼ିପାରେ। ଆଗକୁ ଏଥିରେ ପରିବର୍ତ୍ତନ ବି ହୋଇପାରେ। ତେଣୁ ସେଥିପାଇଁ ୫ କିମ୍ବା ୬ ତାରିଖ ବେଳକୁ ହିଁ ଚିତ୍ର ସ୍ପଷ୍ଟ ହେବ।ତେଣେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସଜାଗ ହେଲାଣି ପ୍ରଶାସନ। ପୂର୍ବରୁ ଫନିର କରାଳରୂପ ଦେଖିଥିବା ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆଜି ପ୍ରସ୍ତୁତି ବୈଠକ ହୋଇଛି।

World Press Freedom Day

Organization of United Working Journalist
Regd. Trade Union, CTC/1155
ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ
ସହର୍ଷ ସମ୍ମାନରେ ଆପଣଙ୍କୁ ବିନମ୍ର ପ୍ରଣାମ ସହିତ ସାଦର ନିମନ୍ତ୍ରଣ
ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ-୨୦୨୨ ଏବଂ ଅଧିଷ୍ଠାପନା ଉତ୍ସବ
ଆଲୋଚନା ଚକ୍ର ଶୀର୍ଷକ
"ସତର୍କତା ନଜରରେ ସାମ୍ବାଦିକତା"

ମୁଖ୍ୟ ଅତିଥି
ଶ୍ରୀମତୀ ସୁଲୋଚନା ଦାସ
ମେୟର, ଭୁବନେଶ୍ୱର

ସମ୍ମାନିତ ବକ୍ତା
ଶ୍ରୀ ପ୍ରସନ୍ନ କୁମାର ମହାନ୍ତି
ସଭ୍ୟ, ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ
ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ
ନିର୍ଦ୍ଦେଶକ, ସୂଚନା ଓ ଲୋକସଂପର୍କ ବିଭାଗ, ଓଡିଶା
ଶ୍ରୀ କିଶୋର ଦ୍ୱିବେଦୀ
ଅଧ୍ୟକ୍ଷ, ଓ.ୟୁ.ଡବ୍ଲ୍ୟୁ.ଜେ
ଡ଼. ପବିତ୍ର ମୋହନ ସାମନ୍ତରାୟ
ଉପଦେଷ୍ଟା, ଓ.ୟୁ.ଡବ୍ଲ୍ୟୁ.ଜେ

ସମ୍ମାନିତ ଅତିଥି
ଶ୍ରୀ ଅନନ୍ତ ନାରାୟାଣ ଜେନା
ବିଧାୟକ, ମଧ୍ୟ ଭୁବନେଶ୍ୱର
ଶ୍ରୀ ସୁଶାନ୍ତ କୁମାର ରାଉତ
ବିଧାୟକ, ଉତ୍ତର ଭୁବନେଶ୍ୱର

ଅଧ୍ୟକ୍ଷତା କରିବେ ରାଜ୍ୟ ସଭାପତି
ଶ୍ରୀ ସଞ୍ଜୟ ଦାସ

ନିବେଦକ
ସରୋଜ ରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ
ଅମୂଲ୍ୟ ମହାନ୍ତି, ସଭାପତି, ଭୁବନେଶ୍ୱର, ଜିଲ୍ଲା
ନିତ୍ୟନିରଞ୍ଜନ ପଣ୍ଡା, କୋଷାଧକ୍ଷ
ପ୍ରଦ୍ୟୁମ୍ନ ଦାଶ, ଉପାଧ୍ୟକ୍ଷ-କୋର କମିଟି
ରଜନୀକାନ୍ତ ସାମନ୍ତରାୟ, ଆବାହକ
ଡ଼. ହରିପ୍ରସାଦ ପଟ୍ଟନାୟକ, ଉପ ସଭାପତି
ନୃପ କିଶୋର ପଟ୍ଟନାୟକ, ଉପାଧ୍ୟକ୍ଷ, କୋର କମିଟି

ସ୍ଥାନ- ବୁଦ୍ଧ ମନ୍ଦିର ସଭାଗୃହ, ୟୁନିଟ-୯, ଭୁବନେଶ୍ୱର ତା ୦୩/୦୫/୨୦୨୨ ସ-ଦିବା ୧୧ ଘଟିକା
ବିଦ୍ର- ୭୯୭୮୫୬୧୦୩୯, ୭୮୭୩୮୩୧୦୭୩

ଓଡ଼ିଶା ସରକାର
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-17
15001/13/0034/2223

ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀ ଲାଲ
(ଗଣେଶୀ ଲାଲ)

DADLS-17
15001/13/0034/2223

ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଫିତର ଉପଲକ୍ଷେ ବଡ଼ଚଣା-ଧର୍ମଶାଳା ଅଞ୍ଚଳ ତଥା ଯାଜପୁର ଜିଲ୍ଲା ଓ ରାଜ୍ୟର ସମସ୍ତ ମୁସଲମାନ ଭାଇ ଓ ଭଉଣୀମାନଙ୍କୁ ମୁଁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି । ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
ବଡ଼ଚଣା-ଧର୍ମଶାଳା, ଯାଜପୁର, ଓଡ଼ିଶା



ସୌଜନ୍ୟ: 'ପର୍ଯ୍ୟବେକ୍ଷକ' ଓ 'ଦି କଳିଙ୍ଗ କ୍ରୋନିକିଲ୍' ପରିବାର

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ସେମାନଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।

(ରଘୁନନ୍ଦନ ଦାସ)
ସୂଚନା ଓ ଲୋକସମ୍ପର୍କ, ଜଳସଂପଦ ମନ୍ତ୍ରୀ

DADLS-17
15001/13/0034/2223

ଟି ଟାଇମ୍

ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

ଭାଇଜାନ୍‌ଙ୍କ ଚମକ

୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ଐସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୁ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ୍ୟ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।

ପୁରାଣ କାହାଣୀ

ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'

ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କଡ଼୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନୀୟନ୍ତା , ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ୱର୍ଗରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୁଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉହାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୁଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତ୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

ବିଲେଇ ଶାଳା

ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ

ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜେଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଲଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ



ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଫିନାଇଲ ବ୍ୟବହାର କରୁଛନ୍ତି କି ?

ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-

ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୁଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ୍ୟ ବତାଇଦେବ।

ଆଜିର ଭାଗ୍ୟ

ମେଷ — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

ବୃଷ — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

ମିଥୁନ — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

କର୍କଟ — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

ସିଂହ — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

କନ୍ୟା — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ

ଜାଗ ଓଡ଼ିଆ

ଭାଷାକୁ ଭିତ୍ତି କରି ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ରାଜ୍ୟଭାବେ ସ୍ୱୀକୃତି ପାଇଲା ଆମ ରାଜ୍ୟ ଓଡ଼ିଶା। କିଛି ବର୍ଷ ତଳେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ଏହା ଆମ ଭାଷା ଓ ଜାତି ପାଇଁ ଗୌରବର ବିଷୟ କିନ୍ତୁ ବିଡ଼ମ୍ବନା, ଯେଉଁ ସମୟରେ ଆମେ ଭାଷାକୁ ନେଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ନୂଆ ନୂଆ ପ୍ରସ୍ତାବ ଓ ପ୍ରକଳ୍ପ ଉପସ୍ଥାପନ କରି ସମସ୍ତଙ୍କୁ ଚମତ୍କୃତ କରୁଥାନ୍ତୁ, ସେହି ସମୟରେ ଆମ ଭାଷାର ଅସୁରକ୍ଷିତ ସ୍ଥିତି ନେଇ ଆମେ ସତରେ ବା ମିଛରେ ବ୍ୟସ୍ତବିବ୍ରତ। ଯେଉଁମାନେ ଏଥିପାଇଁ ଚିନ୍ତିତ, ସେମାନେ ସମସ୍ତେ ଶିକ୍ଷିତ ଲୋକ। କହିବା ବାହୁଲ୍ୟ ଯେ ସେଇ ଶିକ୍ଷିତ ଓ ଉଚ୍ଚଶିକ୍ଷିତମାନେ ହିଁ ମାତୃଭାଷା ଓଡ଼ିଆକୁ ହୀନ ଚକ୍ଷୁରେ ଦେଖୁଥିବାରୁ ଆଜିର ସ୍ଥିତି ସୃଷ୍ଟି ହୋଇଛି। କେବଳ ଖବରକାଗଜରେ କିଛି ଲେଖା ଲେଖି ବା ସଭାରେ ବକ୍ତୃତା ଦେଇ ବୁଦ୍ଧିଜୀବୀମାନେ ନିଜର କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବୁଛନ୍ତି। ଓଡ଼ିଆ ଭାଷାକୁ ଏମାନେ ହିଁ ସଂକଟଗ୍ରସ୍ତ କରିଛନ୍ତି, ସାଧାରଣ ଲୋକେ ତାକୁ ଏପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି। ଯେଉଁମାନେ ଉଚ୍ଚଶିକ୍ଷିତ ନୁହଁନ୍ତି, ସେମାନେ ଆଜି ଓଡ଼ିଆ କହନ୍ତି, ଓଡ଼ିଆ ପଢ଼ନ୍ତି, ଓଡ଼ିଆ ଗୀତ ଗାଆନ୍ତି, ଓଡ଼ିଆ ଚଳଚ୍ଚିତ୍ର ଦେଖନ୍ତି। ଯେଉଁମାନେ ଉଚ୍ଚଶିକ୍ଷିତ, ସେମାନେ ହିନ୍ଦୀ, ଇଂରାଜୀ ପ୍ରେମରେ ଏତେ ମତ୍ତ ଯେ ଓଡ଼ିଆକୁ ନାକ ଟେକନ୍ତି। ତେଣୁ ଓଡ଼ିଆ ଭାଷାକୁ ସତରେ ଯଦି ସୁରକ୍ଷିତ ରଖିବାର ଅଛି ତେବେ ଏମାନଙ୍କୁ ପ୍ରଥମେ ଛଳନା ଓ ପ୍ରବଞ୍ଚନା ଛାଡ଼ିବାକୁ ହେବ। ଯେଉଁମାନେ ସତକୁସତ ଓଡ଼ିଆ ଭାଷାକୁ ଭଲ ପାଉଛନ୍ତି, ସେମାନେ ନିଜେ ଓଡ଼ିଆ କହିବା ସହିତ ଅନ୍ୟକୁ ଓଡ଼ିଆ କହିବା, ଲେଖିବାରେ ପ୍ରେରଣା ଦିଅନ୍ତୁ। ବ୍ୟବସାୟିକ ସଂସ୍ଥାର ନାମଫଳକଠୁ ଆରମ୍ଭ କରି ନିମନ୍ତ୍ରଣ ପତ୍ର ଯାଏଁ ସବୁଠି ଓଡ଼ିଆ ଲେଖାଯାଉ। ଦୁଃଖର କଥା, ଆଜିକାଲି ଯେଉଁଠି ବି ଓଡ଼ିଆ ଦେଖିବାକୁ ମିଳୁଛି ଅଧିକାଂଶ ଅଶୁଦ୍ଧ ଓ ବିକୃତ ଓଡ଼ିଆ। ସେସବୁକୁ ତୁରନ୍ତ ଶୁଦ୍ଧ ଓଡ଼ିଆରେ ଲେଖିବାର ବନ୍ଦୋବସ୍ତ କରାଯାଉ। ଯେଉଁମାନେ ବିଜ୍ଞ, ସେମାନେ ଅଜ୍ଞମାନଙ୍କୁ ଦିଗ୍‌ଦର୍ଶନ ଦିଅନ୍ତୁ। ସବୁ ଗଣମାଧ୍ୟମ ମଧ୍ୟ ଭାଷାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ ଓ ଖେଚୁଡ଼ି ଭାଷାରୁ ଦୂରେଇ ରହନ୍ତୁ। ପ୍ରଥମଥର ପାଇଁ ଭାଷାକୁ ନେଇ ଗଠିତ ହୋଇଥିବା ରାଜ୍ୟରେ ସେଇ ଭାଷାକୁ ହିଁ ଏତେ ଅବହେଳା ଦେଖି ଆଶ୍ଚର୍ଯ୍ୟ ଓ ଦୁଃଖିତ ହେବାକୁ ପଡୁଛି। ସରକାରୀ କ୍ଷେତ୍ରରେ ଓଡ଼ିଆ କାହିଁକି ପ୍ରଚଳନ ହେଉନାହିଁ ବୋଲି କୋଉକାଳୁ ହୁରି ପଡ଼ିଛି କିନ୍ତୁ ସାଧାରଣ କ୍ଷେତ୍ରରେ ଓଡ଼ିଆର ବହୁଳ ବ୍ୟବହାର ହେଲେ ଏବଂ ସଚେତନ ନାଗରିକ ସମାଜ ପକ୍ଷରୁ ଚାପ ପଡ଼ିଲେ ସରକାର ଆପେ ସୁଧୁରିବେ। ଏ ପର୍ଯ୍ୟନ୍ତ କେବଳ ବ୍ୟକ୍ତିଗତ ସ୍ତରରେ ସ୍ୱର ଉତ୍ତୋଳନ ହୋଇ ଆସିଛି, ଏଥର ସାମୂହିକ ଚାପ ପକାଇବା ଆରମ୍ଭ ହେଉ। କେବଳ ଭାଷା କ୍ଷେତ୍ରରେ ନୁହେଁ, ଆମେ କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଛୁ, ଛିନ୍ନମୂଳ ହେବାକୁ ବସିଛୁ। ଆମର ଅତୀତ ଯେତିକି ସଂଗ୍ରାମମୟ ଥିଲା, ହୁଏତ ଆଜି ତାହା ନାହିଁ ଅଥଚ ଆମେ ଆଗ ଅପେକ୍ଷା ଅଧିକ ନିଷ୍ପ୍ରଭ ମନେହେଉଛୁ। ଆମ ଭିତରେ ପୂର୍ବଭଳି ସେହି ସ୍ୱାଭିମାନ ନାହିଁ, ଯାହା ଆମକୁ ଜାତୀୟ ଜୀବନକୁ ପ୍ରଭାବିତ କଲା ଭଳି ଶକ୍ତି ପ୍ରଦାନ କରିବ। ସରକାର କହୁଛନ୍ତି ଆମ ରାଜ୍ୟରେ ଦାରିଦ୍ର୍ୟ କମିଛି, କିନ୍ତୁ ମନର ଦାରିଦ୍ର୍ୟ ସେତେଯେମିତି ବଢ଼ିଚାଲିଛି। ଲୋକଜୀବନକୁ ଯଥାର୍ଥ ବାଟରେ ନେବା ପାଇଁ ଯେଉଁମାନେ ଦିଗବାରେଣି ହୁଅନ୍ତେ, ସେହି ପାଠପଢୁଆ, ଶିକ୍ଷିତ ଗୋଷ୍ଠୀଟି ଏତେ ସ୍ୱାର୍ଥପର ଓ ପ୍ରବର୍ତ୍ତକ ହୋଇଯାଇଛନ୍ତି ଯେ ଆପଣା ଚିନ୍ତା ଛଡ଼ା ମୁହୂର୍ତ୍ତେ ବି ଅନ୍ୟ ଶୋଷିତ, ବଞ୍ଚିତଙ୍କ ପାଇଁ ଭାବିବାକୁ କୁଣ୍ଠିତ। ଆମ ଭିତରୁ ଅଧିକାଂଶ ଏବେ କୌଣସି ସ୍ୱାଧୀନ ଓ ସ୍ୱତନ୍ତ୍ର ଚିନ୍ତା କରିବାରେ ଅକ୍ଷମ। ସରକାରୀ ନୀତି ଏଥିପାଇଁ ଦାୟୀ ହୋଇଥିଲେ ହେଁ ଆମେ ନିଜେ ମଧ୍ୟ କ'ଣ କମ ଦାୟୀ ? ସରକାର ବା ପ୍ରଶାସନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଆମର ସ୍ୱାଭିମାନକୁ ନଷ୍ଟ କରିସାରିଛି। ଏଥିରୁ ଉଧୁରିବାକୁ ହେଲେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ପ୍ରକୃତ ଶିକ୍ଷା ଆମକୁ ଏ ଦିଗରେ ସାହାଯ୍ୟ କରିବ। କେବଳ ଅତୀତକୁ ଝୁରିହେଲେ କିଛି ହେବନାହିଁ ବର୍ତ୍ତମାନକୁ ସୁଦୃଢ଼ କରିବା ପାଇଁ ଉଦ୍‌ଯୋଗ କରିବାକୁ ହେବ। ରାଜନୀତିକୁ ପଛରେ ପକାନ୍ତୁ ସବୁଠାରୁ ବଡ଼ ହେଉଛି ଆମ ରାଜ୍ୟର ସଂକଳ୍ପବଦ୍ଧ ଭାଷା ପ୍ରୀତି ଓ ଭଲପାଇବା। ଏହାକୁ ଆମେ ସମସ୍ତେ ଏକ ଆହ୍ୱାନ ଭାବେ ଗ୍ରହଣ କରିବା କଥା। ଏହା ହିଁ ଆମର ଓ ଆମ ଜାତିର ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରିବ। ଓଡ଼ିଶା ଦିବସରେ ଆମେ ଏସବୁ ପ୍ରତି ଜାଗ୍ରତ ରହିବାକୁ ସଂକଳ୍ପ କରିବା।

ସତ୍ୟ ମହାପାତ୍ର, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ, ଦୂରଭାଷ: ୯୬୫୮୧୦୫୫୩୨

ଚିତ୍ରଶିଳ୍ପୀ ହିମାଂଶୁ ଦାସଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟରେ ଚିତ୍ରକଳା କ୍ଷେତ୍ରରେ ଜଣେ ପ୍ରତିଭାବାନ ଯୁବ ଚିତ୍ରଶିଳ୍ପୀ ଭାବେ ହିମାଂଶୁ କୁମାର ଦାସଙ୍କୁ କଟକର ଶ୍ରୀ ଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ, ରାଉରକେଲାର ଅଗ୍ନିଶୁଲିଙ୍ଗ ଏବଂ କଟକର ଓଡିଶା ପୂଜ୍ୟପୂଜା ପରିଷଦର ମିଳିତ ଆନୁକୁଲ୍ୟରେ କଟକ ଗୌରୀଶଙ୍କର ସ୍ଥିତ କର୍ମବୀର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳାକାର ସମାବେଶ ତଥା ସାରସ୍ୱତ ସମ୍ବର୍ଦ୍ଧନା ମହୋତ୍ସବରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଡଃ. ପ୍ରସନ୍ନ ପାଟଶାଣୀ, ମୁଖ୍ୟବକ୍ତା ଭାବେ ଡଃ. ହୁସେନ ରବି ଗାନ୍ଧି ଓ ସମ୍ମାନୀତ ଅତିଥି ଭାବେ ଗୋପିନାଥ ପଟ୍ଟନାୟକ, ନୀଳଗିରିର ରାଜା ସାହେବ ହରିଚନ୍ଦନ, ନୀଳଗିରିର ରାଣୀ ମନୋଜା ମଞ୍ଜରୀ ଦେବୀ, ଅଧ୍ୟକ୍ଷ ଆର୍ଯ୍ୟକବି ପଣ୍ଡିତ ଡଃ. ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଲବ୍ଧପ୍ରତିଷ୍ଠିତ ଚିତ୍ରଶିଳ୍ପୀ ହିମାଂଶୁ କୁମାର ଦାସଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

ଗାୟକ ସ୍ୱରସୁଧାଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା (ପିଏନ)- ସ୍ୱନାମଧନ୍ୟ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ବି ଗ୍ରେଡ ମାନ୍ୟତା ପ୍ରାପ୍ତ ଧୁଡୁକି ,ଏକତାରା ବାଦକ ଓ ଗାୟକ ସ୍ୱରସୁଧା ସ୍ୱର୍ଗତଃ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାଦଶାହ ପାଳନ ଅବସରରେ ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମସ୍ଥିତ ନିଜ ବାସଭବନ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା ଓ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଳିନୀକା' ପଣ୍ଡା ମୁଖ୍ୟବକ୍ତା ଓ ଗାୟକ ମିହିର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାକାର ତାର କୀର୍ତି ଓ କୃତି ପାଇଁ ସର୍ବଦା ଅମର ରହିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ଦିବଂଗତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଅମର ଆତ୍ମାର ସଗଗତି ନିମିତ

ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ସନ୍ତୋଷ ମହାପାତ୍ରଙ୍କ ବେଦପାଠ ଓ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳୀ ସଙ୍ଗୀତ ପରିବେଷଣ ପରେ "ଅନନ୍ୟ ପ୍ରତିଭା" ନାମକ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦିବଂଗତଙ୍କ ସ୍ମୃତିରେ ପ୍ରଫେସର ଶ୍ରୀ ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ଧୁଡୁକି ବାଦକ ସଞ୍ଜୟ କୁମାର ମହାନ୍ତି ଓ ତାଙ୍କ ସାଥି ସୁକାନ୍ତ କୁମାର ଭକ୍ତି ସଙ୍ଗୀତ ଗାନ କରିଥିଲେ । ଏଥିରେ ଡଃ ଶରତ କୁମାର ଚଉଁରୀ, ସନ୍ତୋଷ ଦାସ, ରବି ଦାଶ, ଯମ୍ବେଶ୍ୱର ମଙ୍ଗରାଜ, ପଣ୍ଡିତ ରଂଜନ କୁମାର ଦାଶ, ବିନୋଦ ବିହାରୀ ରାଉତରାୟ, ଗଙ୍ଗାଧର ଓଝା, ସୁଧାକର ସେଠୀ, ସନ୍ଧ୍ୟାରାଣୀ ରାଣୀ ମହାପାତ୍ର, ସୁଦୀକ୍ଷା ମହାପାତ୍ର ଓ ସବିତା ଶୁକ୍ଳା ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଶେଷରେ କଣ୍ଠଶିଳ୍ପୀ ସଂଜୟ କୁମାର ପାଣିଗ୍ରାହୀ ଅନ୍ତିମ ସଙ୍ଗୀତ ଗାନ କରିଥିବା ବେଳେ କନିଷ୍ଠ ଭ୍ରାତା ସୁରେଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଅନ୍ଧାରୁଆରେ ବିଶ୍ୱଶାନ୍ତି ଯଜ୍ଞ

ଭୁବନେଶ୍ୱର (ପିଏନ୍): ଚଳିତ ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ, ଇଂରାଜୀ ତା୧୩.୦୩. ୨୦୨୨ରିଖ ରବିବାର ଦିନ ଅନ୍ଧାରୁଆ ଗ୍ରାମସ୍ଥିତ ପ୍ରବୁଦ୍ଧ ବିହାର (ପାଦପଦ୍ମ ମୁଣ୍ଡିଆ)ଠାରେ ବ୍ରହ୍ମ ଅବଧୂତ ଜୟକୃଷ୍ଣ ବାବାଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ବ୍ରହ୍ମ ଅବଧୂତ ବ୍ରଜବନ୍ଧୁ ବାବାଙ୍କ ଅଧ୍ୟକ୍ଷତାରେ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଅଛି। ଉକ୍ତ ମହତ କାର୍ଯ୍ୟାନୁଷ୍ଠାନରେ ମହିମା ଧର୍ମ ସମାଜର ପର ସନ୍ନ୍ୟାସୀ ଓ ଅପର ସନ୍ନ୍ୟାସୀ ସାଧୁବୃନ୍ଦ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଉକ୍ତ ଶୁଭ କାର୍ଯ୍ୟ ଅବସରରେ ଅଖଣ୍ଡ ଘୃତାବତୀ ପ୍ରଜ୍ୱଳନ, ବ୍ରହ୍ମ ଧୂନୀ ସ୍ଥାପନ, ମହିମା ବାଲ୍ୟଲୀଳା, ପ୍ରଭୁ ନାମ ଭଜନ ଗାୟନ, ଧର୍ମସଭା ଓ ବିଶ୍ୱ ଜଗତର ମଙ୍ଗଳ ନିମନ୍ତେ ଅଲେଖ ମହାପ୍ରଭୁଙ୍କଠାରେ ସମବେତୀ ପ୍ରାର୍ଥନାଦି କାର୍ଯ୍ୟକ୍ରମ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅନ୍ଧାରୁଆ ଗ୍ରାମବାସୀ ଓ ମହିମା ଧର୍ମର ଭକ୍ତବୃନ୍ଦମାନେ ସୁଚାରୁରୂପେ ପରିଚାଳନା କରିଥିଲେ ବୋଲି ଭକ୍ତ ନାରାୟଣ ଖୁଣ୍ଟିଆ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଥିଲେ।

ହୃଦ୍‌ଘାତରେ ଧର୍ମପରାୟଣ ବ୍ୟକ୍ତିଙ୍କ ମୃତ୍ୟୁ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ଅସରଫ ଖାନ ୬୨ ବର୍ଷ ବୟସରେ ହୃଦଘାତରେ ନିଜ ବାସଗୃହରେ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ସରଳ, ନିଷ୍ପଟ, ଧୀର, ଶାନ୍ତ ଓ ଧର୍ମପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ତାଙ୍କ ମରଶରୀରକୁ ଧାର୍ମିକ ରୀତିନୀତି ଅନୁଯାଇ ଗ୍ରାମ୍ୟ କବର ସ୍ଥାନରେ କବର ଦିଆଯାଇଥିଲା । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

ଚେନ୍ନାଇର ଚଇନା ଲବି

ଭାରତର ମୋଟ ଜିଡିପି ଯେତେ ଆପଲ କମ୍ପାନୀର ବାଣିଜ୍ୟ ସେତେ ବୋଲି ଖବର ପ୍ରକାଶ ପାଇଛି । ତିନି ଟ୍ରିଲିଅନ ଡଲାର ବାର୍ଷିକ ବାଣିଜ୍ୟକରି ଆପଲ କମ୍ପାନୀ ମାଇଲଖୁଣ୍ଟ ସ୍ଥାପନା କରିଛି । ଅଥଚ ଚୀନ ପରେ ଭାରତରେ ଉତ୍ପାଦନ କେନ୍ଦ୍ର ଖୋଲିଥିବା ଏହି କମ୍ପାନୀ ଏବେ ନିଜର ଚେନ୍ନାଇସ୍ଥିତ କାରଖାନାକୁ ବନ୍ଦ କରିଛି । ଆଇଫୋନ୍ ଉତ୍ପାଦନ ହେଉଥିବା ଏହି କମ୍ପାନୀ ଏବେ ଚୀନର ଷଡଯନ୍ତ୍ର ଓ ଭାରତରେ ଥିବା ଚୀନା ସମର୍ଥକଙ୍କ ଷଣ୍ଢୁଆସୀ ଆକ୍ରମଣର ଶିକାର ହୋଇ କମ୍ପାନୀର ଉତ୍ପାଦନ ବନ୍ଦ ରଖିବାକୁ ବାଧ୍ୟ ହୋଇଛି । ଏଠାରେ କାର୍ଯ୍ୟରତ ସତର ହଜାର ଶ୍ରମିକଙ୍କ ଆନ୍ଦୋଳନ ଯୋଗୁ କମ୍ପାନୀ ସଙ୍କଟର ସମ୍ମୁଖୀନ ହୋଇ କ୍ଷତି ସହିବାରେ ଲାଗିଛି ।

"ବଞ୍ଚିବା ପାଇଁ ଗୋଟିଏ ବାଟ ଲଢେଇ ଆଉ ଧର୍ମଘଟ"- ଏହି ସ୍ଲୋଗାନକୁ ପାଥେୟ କରି କାର୍ଯ୍ୟରତ ବାମପନ୍ଥୀ ଶ୍ରମିକଗୋଷ୍ଠୀ କିପରି ଅତୀତରେ ପଶ୍ଚିମବଙ୍ଗର କମ୍ପାନୀଗୁଡିକରେ ତାଲା ପକାଇ ସବୁଦିନ ପାଇଁ ସଂସ୍ଥାଗୁଡିକୁ ବନ୍ଦ କରିଦେବାକୁ ସକ୍ଷମ ହୋଇଥିଲେ ତାହା ସମସ୍ତଙ୍କୁ ଜଣାଅଛି । ଏବେ ସେହି ଗୋଷ୍ଠୀ ଚୀନ ପାଇଁ ବ୍ୟାଟିଂ କରିବାକୁ ବାହାରି ଚେନ୍ନାଇର ଆପଲ କମ୍ପାନୀକୁ ବନ୍ଦ କରିଦେବାକୁ ଅଣ୍ଟାଭିଡି ବାହାରିଛନ୍ତି । ଦେଖିବାକୁ ଗଲେ କେରଳ ପରି ତାମିଲନାଡୁରେ କେନ୍ଦ୍ର ସରକାର ଓ ମୋଦିଙ୍କ ବିରୋଧରେ ଅନେକ ଗୋଷ୍ଠୀ ବେଶ୍ ସକ୍ରୀୟ ରହିଛନ୍ତି । ସେମାନେ ଏବେ ହିନ୍ଦୀ-ହିନ୍ଦୁ-ହିନ୍ଦୁସ୍ଥାନର ବିରୋଧରେ କାର୍ଯ୍ୟ କରିବାକୁ ମେଣ୍ଟ ଗଢିଛନ୍ତି । ଏହି ଗୋଷ୍ଠୀରେ କେନ୍ଦ୍ର ବିରୋଧୀ ଡିଏମ୍‌କେ, କଂଗ୍ରେସ, ସାମ୍ୟବାଦୀ, ମୁସଲିମ ଏବଂ ଖ୍ରୀଷ୍ଟିଆନଙ୍କ ସଂଗଠନ ସହ ସେମାନଙ୍କ ସହଯୋଗୀ, ଗଣମାଧ୍ୟମ ଆଦି ରହିଛନ୍ତି । ପ୍ରଚାର କ୍ଷେତ୍ରରେ ଚୀନର ପେ-ଲିଷ୍ଟରେ ଆଗରେ ରହିଛି "ଦି ହିନ୍ଦୁ" ଖବରକାଗଜ, ଯାହା ପ୍ରତି ଦୁଇଦିନରେ ଥରେ ଜିନପିଙ୍ଗଙ୍ଗ ସଂକୀର୍ତ୍ତନ କରିବାକୁ ଭୁଲ କରେନାହିଁ । ଯେଉଁଥି ପାଇଁ ଚୀନ କମ୍ୟୁନିଷ୍ଟ ପାର୍ଟିର ୧୦୦ବର୍ଷ ପୂର୍ତ୍ତି ଅବସରରେ ଏହି ଖବରକାଗଜର ମୁଖ ପୃଷ୍ଠା ଭରି ବିଜ୍ଞାପନ ମିଳିଥିଲା ଚୀନ ସରକାରଙ୍କ ଠାରୁ । ଚୀନା ନିବେଶ, ପ୍ରକଳ୍ପ ଏବଂ ଶିଳ୍ପର ସୁରକ୍ଷା ପାଇଁ ଏହି ଖବରକାଗଜର ପ୍ରକାଶନ ସମୂହ ଆଜିଯାଏ ଚୀନ ସରକାରଙ୍କ ସ୍ୱାର୍ଥରେ ନିଷ୍ଠାପର ଭାବେ କାର୍ଯ୍ୟକରି ଆସିଛି ଏବଂ ସେଥିପାଇଁ ଚୀନ ସରକାରଠାରୁ ମଧ୍ୟ ଆର୍ଥିକ ପୁରସ୍କାର ଲାଭ କରିଆସୁଛି । କେନ୍ଦ୍ର ସରକାରଙ୍କ ବିବିଧ ଯୋଜନାକୁ କିପରି ବିଫଳ କରିହେବ ସେଥିପାଇଁ ଏହି କାଗଜ ସମାଲୋଚନାର କୀଳା ସଜାଡି ଥାଏ । ପିଏଲ୍‌ଆଇ ସ୍କିମରେ ଯେଉଁ ତାଇୱାନ କମ୍ପାନୀ ଭାରତରେ ଉତ୍ପାଦନ କରିବାକୁ ଚୀନଛାଡି ଭାରତ ଆସିଲେ ସେମାନଙ୍କ ବିରୋଧରେ ଯୋଜନାବଦ୍ଧ ଭାବେ ଏହି ଖବରକାଗଜରେ ସମ୍ବାଦମାନ ପ୍ରକାଶ କରାଗଲା । ସେମାନେ ଶ୍ରମ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି କହି ବାମପନ୍ଥୀ ଶ୍ରମିକ ସଂଗଠନ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରାଗଲା । ତାଇୱାନ କମ୍ପାନୀକୁ କିପରି ଭାରତରେ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ, ଚୀନ ସରକାରଙ୍କ ସ୍ୱାର୍ଥରେ ସେମାନଙ୍କର କାରଖାନାକୁ କିପରି ନଷ୍ଟ କରାଯିବା, ସେଥିପାଇଁ ଷଡଯନ୍ତ୍ର ହେଲା । ସାଧାରଣ ବିଷୟକୁ ଅସାଧାରଣକରି ପ୍ରଚାର କରାଯିବା ସହ ସରକାରୀ ଚାପ ପ୍ରୟୋଗ କରିବାକୁ କ୍ଷେତ୍ର ପ୍ରସ୍ତୁତ କରାଗଲା । ବିଗତ ଦିନମାନଙ୍କରେ ଏହି ଗୋଷ୍ଠୀଗୁଡିକର ଷଡଯନ୍ତ୍ର ଯୋଗୁ ଅନେକ କାରଖାନାରେ ତାଲା ଝୁଲିଛି । ତେଣୁ କେନ୍ଦ୍ର ସରକାର ଗୋଟିଏ ପଟେ ଆତ୍ମନିର୍ଭର ଭାରତ ଆହ୍ୱାନ ଦେଇ ହଜାର ହଜାର କୋଟିର ପ୍ରୋତ୍ସାହନ ରାଶି ମାଧ୍ୟମରେ ବିଦେଶୀ ଶିଳ୍ପକୁ ଭାରତରେ ଉତ୍ପାଦନ କରିବାକୁ ଆହ୍ୱାନ ଦେଲାବେଳେ ଦ୍ରାବିଡନାଡୁର ଏହି ଗାତ୍ରଦାହୀ ଗୋଷ୍ଠୀ ସବୁ ଯୋଜନାଗୁଡିକୁ ବିଫଳ କରିବାରେ ଲାଗିଛନ୍ତି । ଦେଶ ବିରୋଧୀ କାର୍ଯ୍ୟରେ ସାମିଲଥିବା ଏହିସବୁ ଶକ୍ତି ସମ୍ବିଧାନର ଆଳରେ ଦେଶରେ ଅଶେଷ କ୍ଷତିସାଧନ କରିବାରେ ଲାଗିପଡିଛନ୍ତି । ନିକଟରେ ତାମିଲନାଡୁର ଚେନ୍ନାଇ ନିକଟସ୍ଥ ପେରୁମ୍ବୁଦୁରଠାରେ ଥିବା ଫୋକ୍ସକନ୍ କମ୍ପାନୀରେ ଶ୍ରମିକ ଅଶାନ୍ତି ପଛରେ ଚୀନର ହାତଥିବା ସଂକ୍ରାନ୍ତରେ ଇଂରାଜୀ ଦି ୱିକ ପକ୍ଷରୁ ପ୍ରକାଶ ପାଇଛି । ଆପଲ ପାଇଁ ମୋବାଇଲ ନିର୍ମାଣକାରୀ ଏହି କମ୍ପାନୀରେ ସଂଗଠିତ ୧୭୦୦୦ କର୍ମଚାରୀଙ୍କ ଆନ୍ଦୋଳନ ପଛରେ ଯେଉଁ ଶ୍ରମିକ ସଂଗଠନଗୁଡିକ କାର୍ଯ୍ୟ କରୁଥିଲେ ସେମାନଙ୍କ ସହ ଚୀନର ଏଜେଣ୍ଟମାନଙ୍କ ହାତଥିବା ନେଇ ଗୋଇନ୍ଦା ଖବର ପ୍ରକାଶ ପାଇଛି । କ୍ୟାଣ୍ଟିନରେ ଖାଦ୍ୟର ଗୁଣବତ୍ତାକୁ କେନ୍ଦ୍ର କରି ହୋଇଥିବା ଅଭିଯୋଗ ଓ କମ୍ପାନୀର ଉତ

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ମଇ ୦୩

ଖବର କାଗଜ ଓ ନୈତିକ ମୂଲ୍ୟବୋଧ

ତ୍ରିନାଥ ଓଝା

ରାତି ପାହିଲେ ଆମେ ସମସ୍ତେ ଖବର କାଗଜକୁ ଚାହିଁ ବସିଥାଉ। ଖବର କାଗଜ କିଛିଟା ଟଙ୍କାର କାଗଜ ନୁହେଁ ଏହା ହେଉଛି ଆମ ମାନଙ୍କର ସ୍ୱର। ଜନଗଣ, ଜନମତର ଉତ୍ତରଦାୟୀ ଅନୁଷ୍ଠାନ ହେଉଛି ଖବର କାଗଜ। କିନ୍ତୁ ଆଜି ଖବର କାଗଜ ପାଇଁ ଅନେକ ଆହ୍ୱାନ, ଅନେକ ପ୍ରଶ୍ନ, ଅନେକ ଦାୟିତ୍ୱବୋଧ। ସ୍ୱାଧୀନତା ପୂର୍ବରୁ ସାମ୍ବାଦିକତା ଓ ଜାତୀୟତା ସମାର୍ଥବୋଧକ ଥିଲା। ସାମ୍ବାଦିକତାର ଭିତ୍ତି ହେଉଛି ସେବା। ଦେଶ ଓ ସମଗ୍ର ସମାଜକୁ ଭଲ ପାଉଥିବା ଏକ ଶିକ୍ଷିତ ଗୋଷ୍ଠୀ ତିଆରି କରିବା ହେଉଛି ସାମ୍ବାଦିକତା ଲକ୍ଷ୍ୟ। ସ୍ୱାଧୀନତା ପରେ ଭାରତରେ ସାମ୍ବାଦିକତାର ରୂପ ପରିବର୍ତ୍ତନ ହେଲା। ସାମ୍ବାଦିକତା ଭିତରେ ସୂଚନା ପ୍ରଯୁକ୍ତିର କଳା କୁଶଳ ଏହି କ୍ଷେତ୍ରକୁ ଆହୁରି ପ୍ରଶସ୍ତ କରିଦେଲା। ଏହା ନିଶ୍ଚିନ୍ତ କଥା ସାମ୍ବାଦିକତାର ବୃତ୍ତି ପରି ଅନ୍ୟ କୌଣସି ବୃତ୍ତି ସମ୍ଭବତଃ ସମକକ୍ଷ ହୋଇପାରିନଥାଏ। ପେଷାଦାରୀ ଦକ୍ଷତା ଛଡ଼ା ଏହାର କେତେକ ନୈତିକ ଆବଶ୍ୟକତା ରହିଛି। ସତ୍ୟ, ନ୍ୟାୟ, ନିର୍ଭିକତା, ଦେଶପ୍ରେମ, ସମାଜର ବୃହତ୍ତର କଲ୍ୟାଣ, ଜାତୀୟ ସ୍ୱାର୍ଥ ଓ ଜନଜୀବନର ଘଟଣାବହୁଳ ସମସ୍ୟାକୁ ଲୋକଲୋଚନକୁ ଆଣିବା ପାଇଁ ଏକାନ୍ତିକ ଇଚ୍ଛା। ସମୟ ସହିତ ସାମ୍ବାଦିକତାର ରୂପ ରେଖାରେ କିଛିଟା ପରିବର୍ତ୍ତନ ହୋଇଛି। ପୂର୍ବେ ଥିଲା ଏହା ସେବାଭିତ୍ତିକ ଯାହାକି ସମ୍ପ୍ରତି ଆଧୁନିକ ଜ୍ଞାନକୌଶଳ ଭିତ୍ତିକ। ତେବେ ଏ ଜ୍ଞାନକୁ କିଭଳି ବିନିଯୋଗ କଲେ ତାହା ବୃହତ୍ତର ସମାଜରେ ମଙ୍ଗଳରେ ଲାଗିବ ତାହା ଦେଖିବା ଏବଂ ଦେଖାଇବା ସାମ୍ବାଦିକତା ଲକ୍ଷ୍ୟ। ସମ୍ବାଦ ପରିବେଷଣ ସମୟରେ ସମାଜକୁ କ୍ଷତିକଲା ପରି କଥା ଭାରସାମ୍ୟ ରକ୍ଷା କ୍ଷେତ୍ରରେ ସତର୍କତା ନିଶ୍ଚିନ୍ତ ଭାବେ ଜରୁରୀ। ଜନମତକୁ ଏହି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୁଝାଯାଉଥିବାରୁ ଏହା ସମାଜରେ ନିଜର ଏକ ଭିନ୍ନ ସ୍ୱତନ୍ତ୍ରତା ରଖିଛି। ସତ୍ୟ ପ୍ରକାଶ କରିବା ହେଉଛି ସମ୍ବାଦପତ୍ରର ଧର୍ମ। ସତ୍ୟ ଓ ନ୍ୟାୟ ସମାଜର ଆଧାରଶୀଳା ଏହାର ଅଭାବରେ ସମାଜର ପତନ ହେବା ସହ ବିକାରଗ୍ରସ୍ତ ହୋଇଥାଏ। ତେଣୁ ସମାଜରେ ସତ୍ୟ ଓ ନ୍ୟାୟ କିପରି ପ୍ରତିଷ୍ଠା ହୋଇପାରିବ ତାହା ଦେଖିବା ହେଉଛି ସମ୍ବାଦପତ୍ରର ପ୍ରଥମ କର୍ତ୍ତବ୍ୟ। ଓଡ଼ିଶାର ଖବର କାଗଜ କହିଲେ ସମାଜକୁ ବୁଝାଯାଇଥାଏ। ୧୯୧୯ ମସିହାରେ ଉତ୍କଳମଣିଙ୍କ ପୁଣ୍ୟ ପରଶରେ ଅଙ୍କୁରିତ ସମାଜ ଆଜି ସାମ୍ବାଦିକତା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ପାଲଟିଛି। ଏହା ନିଶ୍ଚିନ୍ତ ସତ୍ୟ ଯେ ଆଜିର ସମୟରେ ଗଣମାଧ୍ୟମ ବିଭିନ୍ନ ପ୍ରକାର ପ୍ରତିକୂଳତାକୁ ସାମ୍ନା କରୁଛି। ତେବେ ଜନତାଙ୍କ ସ୍ୱାର୍ଥଭିତ୍ତିକ ଓ ଜନସ୍ୱାର୍ଥ ଧର୍ମୀକ୍ଷେତ୍ରକୁ ଗଣମାଧ୍ୟମ ହିଁ ଲୋକଲୋଚନକୁ ଆଣିବାରେ ସକ୍ଷମ ହୋଇଛି।

କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତର ବିକାଶ କ୍ଷେତ୍ରରେ ଗଣମାଧ୍ୟମର ଅବଦାନ କମ୍ ନୁହେଁ। ଅନେକ ସାମ୍ବାଦିକ ବନ୍ଧୁ ନିଜ ଜୀବନକୁ ପଛରେ ପକାଇ ଘଟଣାବହୁଳ କ୍ଷେତ୍ରରେ ଦାୟିତ୍ୱ ନିର୍ବାହ କରିବାରେ ପଶ୍ଚାତାପ କରିନାହାନ୍ତି। ମୁ ନିଶ୍ଚିତ ଭାବରେ ବଧାଇ ଦେବି ଏହିପରି ଗଣମାଧ୍ୟମର ସାମ୍ବାଦିକ ବନ୍ଧୁଙ୍କ ପାଇଁ। ଏହି ଲେଖକ ନିଜ ବୃତ୍ତିଗତ କ୍ଷେତ୍ର ପୂର୍ବରୁ ଯେଉଁ ଆଧ୍ୟାତ୍ମିକ ସମାଜ ସେବା କ୍ଷେତ୍ରରେ ଜଡ଼ିତ ରହିଛି ସେ ନିରିଖେଇ ଦେଖିଛି ଯେ ଗଣମାଧ୍ୟମର ବିନା ସହାୟତାରେ କୌଣସି ଘଟଣା ଲୋକଲୋଚନକୁ ଆସିପାରିନଥାଏ। ସଂପ୍ରତି ସମ୍ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର 'ମନ୍ କି ବାତ୍' ଦ୍ୱାରା ଆକାଶବାଣୀକୁ ବିମୁଗ୍ଧ ଶ୍ରୋତା ରହିଥିବା ଅଗଣିତ ଲୋକଙ୍କୁ ନିଜ ହୃଦୟର କଥା, କୋହ, ଓ ରାଷ୍ଟ୍ରୀୟ ପ୍ରଗତିର ବିଭିନ୍ନ ଚିନ୍ତନକୁ ଲୋକଲୋଚନକୁ ଆଣିଛନ୍ତି। ତେବେ ଗଣମାଧ୍ୟମରେ ଅନେକ ସମୟରେ ବି ଦେଖାଯାଏ ସେମାନେ ଏକପ୍ରକାର ଅମରା ବାଟକୁ ମାଡ଼ି ଯାଇଛନ୍ତି!! ଏହି ଲେଖକ ବିନମ୍ରତାର ସହିତ କହୁଛି ଯେ ସମସ୍ତ ସାମ୍ବାଦିକ ବନ୍ଧୁଙ୍କ ପାଇଁ ଏହି ପୂର୍ବ ଧାଡ଼ିଟି ପ୍ରଯୁଜ୍ୟ ନାହିଁ। ତେବେ ପୃଷ୍ଠପୋଷକତା ସହାୟତା ବିନା ଗଣମାଧ୍ୟମ କିପରି ଯେ ତିଷ୍ଠି ପାରିବ ତାହା ନିଶ୍ଚିତ ଭାବେ ଏକ ବଡ଼ପ୍ରଶ୍ନବାଚୀ। ଆଉ ଗୋଟିଏ ସ୍ପଷ୍ଟ କଥା ବିଶ୍ୱ ପ୍ରେସ୍ ସ୍ୱାଧିନତା ଦିବସରେ ଏଇକଥା ମୁଁ ନିଶ୍ଚିତ ଭାବରେ କହିବି ଯେ ବିଳମ୍ବରେ ହେଉ ମଧ୍ୟ ଆମ ରାଜ୍ୟର ସମସ୍ତ ପ୍ରମୁଖ ସମ୍ମାନନୀୟ ସମ୍ପାଦକ ମହୋଦୟଙ୍କୁ ନେଇ ଐକ୍ୟନିଷ୍ଠ ଖବର କାଗଜ କ୍ଷେତ୍ରରେ ଯେଉଁ ପ୍ରେସ୍ ଏକାଡ଼େମୀ କରିଛନ୍ତି ତାହା ନିଶ୍ଚିନ୍ତ ଭାବରେ କୁହାଯିବ ଯେ ରାଜ୍ୟରେ ପ୍ରେସ୍ ଏକତା ସମର୍ଥ ହେଉଛି ଜନମତକୁ ଜାଗ୍ରତ କରିବା ପାଇଁ। ସମାଜରେ ବିଭିନ୍ନ ଜନସ୍ୱାର୍ଥ ସମ୍ବଳିତ ଦୁଃଖଦ ଚିତ୍ର ହେଉ ବା ବୀର ଓଡ଼ିଆଙ୍କର କୌଣସି ପିଲା ଜାତୀୟ ବା ଆନ୍ତର୍ଜାତିକ ସ୍ତରରେ ନାଁ କମାଇଲେ ତଥ୍ୟଭିତ୍ତିକ ଭାବରେ ଏହା ସମସ୍ତ ଖବର କାଗଜର ପୃଷ୍ଠା ମଣ୍ଡନ କରିଥାଏ। ଆଜି ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ଆମ ଭିତରେ ଏହି ଆତ୍ମ ସମୀକ୍ଷା ହେଉ ଯେ ସମ୍ବାଦପତ୍ରର ସ୍ୱାଧୀନତା କିପରି ବଣ୍ଟାଯାଇ ପାରିବ? ଖବରକାଗଜର ସମ୍ମାନ, ଗୌରବ ଅତୁଟ ରହୁ ସେମାନେ ସମାଜର ଯେଉଁ ଜନକଲ୍ୟାଣ ପାଇଁ ମୂଲ୍ୟବୋଧର ଉଚ୍ଚ ଗୌରବର ଧାରା ପ୍ରତିଷ୍ଠା କରିଛନ୍ତି ତାକୁ ଭୂଲୁଣ୍ଠିତ ନ କରନ୍ତୁ। ବିଭିନ୍ନ ସମୟରେ ସାଂପ୍ରତିକ ଘଟଣାବହୁଳ କ୍ଷେତ୍ରରେ ଏହି ଲେଖକ ବିଭିନ୍ନ ସ୍ତମ୍ଭ ମାଧ୍ୟମରେ ଘଟଣାଟିକୁ ସଚେତନ କରିଥାଏ। ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ଆମ ସମସ୍ତଙ୍କର ସଚେତନଧର୍ମୀ ସହଯୋଗ ଜାରି ରହୁ।

ଭାଗବତ ଗାଦି ବଡ଼ଦାଣ୍ଡ,
ଧବଳେଶ୍ୱର ଗଡ଼ା, କଟକ,
ଦୂରଭାଷ :୯୨୩୮୬୦୨୮୨୫

ଆଜିର ଅନୁଚିନ୍ତା

ନିଜ ବନ୍ଧନକୁ ନିଜେ ଫିଟାଅ,
ଗୁରୁ କେବଳ ପରାମର୍ଶଦାତା ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

କୃଷି ଓ କୃଷକଙ୍କ ଦିବସ

ରମେଶ ଚନ୍ଦ୍ର ନାୟକ

ଜନସାଧାରଣଙ୍କ ମନରେ ଭକ୍ତିଭାବର ଉଦ୍‌ରେକ କରିବା ନିମନ୍ତେ ଆଦିମ କାଳରୁ ଅଦ୍ୟାବଧି ଓଡ଼ିଶାରେ ବିଭିନ୍ନ ପର୍ବପର୍ବାଣି ପାଳିତ ହୋଇଆସୁଛି। ସାମାଜିକ ବ୍ୟବସ୍ଥା ମଧ୍ୟରେ ସେହି ପର୍ବ ଗୁଡିକ କେତେକ କୃଷି ଭିତ୍ତିକ ଓ କେତେକ ଋତୁ ଭିତ୍ତିକ ଭାବରେ ଅଭିହିତ ହୋଇଥାଏ। କୃଷି ଭିତ୍ତିକ ପର୍ବ ଗୁଡିକ ମଧ୍ୟରୁ ଅକ୍ଷୟ ତୃତୀୟା ଅନ୍ୟତମ। ରବି ଋତୁର ପ୍ରସ୍ଥାନ ଏବଂ ଖରିଫ୍ ଋତୁର ଆଗମନ, ଏହି ସନ୍ଧିକ୍ଷଣରେ ଆମ ସମାଜରେ ପାଳନ କରାଯାଏ ପବିତ୍ର ଅକ୍ଷୟ ତୃତୀୟା। ହିନ୍ଦୁ ଧର୍ମରେ ଅକ୍ଷୟ ତୃତୀୟାର ବହୁ ମହତ୍ତ୍ୱ ରହିଛି। ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିକୁ ଅକ୍ଷୟ ତୃତୀୟା ବୋଲି କୁହାଯାଏ। ଏହି ଦିନକୁ ଓଡ଼ିଆ ଧର୍ମ ଗ୍ରନ୍ଥରେ ସବୁଠୁ ପବିତ୍ର ଦିନ ବୋଲି ବିବେଚ୍‌ନା କରାଯାଏ। ଉକ୍ତ ଦିନରେ କୌଣସି କାର୍ଯ୍ୟ ଆରମ୍ଭ କଲେ ତାହା କ୍ଷୟ ନହୋଇ ଅକ୍ଷୁର୍ଣ୍ଣ ରହିଥାଏ।ଏହି ପବିତ୍ର ଦିନରେ କରାଯାଉଥିବା ସ୍ନାନ,ଦାନ , ଯଜ୍ଞ ଭଳି ବିଭିନ୍ନ କର୍ମର ବହୁ ପୁଣ୍ୟ ଫଳ ପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ରହିଛି। କୃଷକମାନେ ଏହି ପର୍ବକୁ ବଡ଼ ଶୁଦ୍ଧ ଓ ସିଦ୍ଧିର ଦିବସ ରୂପେ ପାଳନ କରିଥାନ୍ତି ଏବଂ ଅକ୍ଷିମୁଠି ଅନୁକୂଳ କରି କୃଷି କାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି। ଏଥିପାଇଁ କୃଷକ ମନରେ ଥାଏ ଅପୁରନ୍ତ ଆନନ୍ଦ ଓ ଉତ୍ସାହ। ସେ ବିଶ୍ୱାସ ରଖିଥାଏ ଯେଭଳି ଏବର୍ଷ ତା'ର କ୍ଷେତ ସବୁଜିମାରେ ଭରିଉଠୁ। ଏହାଛଡା ଅକ୍ଷୟ ତୃତୀୟାକୁ ଶୁଭ ଦିନ ଭାବେ ଗ୍ରହଣକରାଯାଇ ଗୃହ ନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭ କର୍ମ କରାଯାଇଥାଏ। ଚାଷୀ ହଳଦୀ , ଚନ୍ଦନ,ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣିକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂଆ ଟୋକେଇରେ ପିଠା ଭୋଗ ଆଦି ନେଇ , ହଳ ଲଙ୍ଗଳ ଧରି ତା'ର କ୍ଷେତକୁ ଯାଇଥାଏ। ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ଭୋଗଦେଇ, ହଳ ବୁଲାଇ ବିହନ ବୁଣି ଥାଏ ଚାଷୀ। ତେଣୁ ଏହି ପବିତ୍ର ଦିନକୁ କୃଷି ଓ କୃଷକର ଦିବସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହିଦିନ ସୁନାର ଚାହିଦା ଖୁବ୍ ବଢିଯାଏ। ପ୍ରତ୍ୟେକ ସୁନା ଦୋକାନରେ ଲୋକଙ୍କ ଭିଡ଼ ଜମିବାରେ ଦେଖିବାକୁ ମିଳେ।ଏହି ଦିନ ସୁନା କିଣିଲେ ଜୀବନରେ ଅନନ୍ତ ସମୃଦ୍ଧି ପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ରହିଛି। ସୁନା କିଣିଥିବା ବ୍ୟକ୍ତିଙ୍କ ସହ ସମଗ୍ର ପରିବାରର ସଦସ୍ୟଙ୍କୁ ମଧ୍ୟ ଏହାର ଶୁଭ ଫଳ ମିଳେ। ସୁନା ଏକ ମୂଲ୍ୟବାନ ଧାତୁ। ତେଣୁ ଏହି ଦିନରେ କିଣିଥିବା ସୁନା ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ଥିବାରୁ ଲୋକେ ସୁନା କିଣିଥାନ୍ତି। ଅନ୍ୟପକ୍ଷରେ ଅକ୍ଷୟ ତୃତୀୟା ଅବସରରେ ଆଜିଠୁ ଆରାଧ ଦେବତା ତଥା ଜଗତର ନାଥ ମହାପ୍ରଭୁ ଜଗନ୍ନାଥଙ୍କର ପବିତ୍ର ରଥଯାତ୍ରା ପାଇଁ ରଥ ନିର୍ମାଣ ଆରମ୍ଭ କରାଯାଇଥାଏ। ଶ୍ରୀମନ୍ଦିର ସମ୍ମୁଖରେ ବିଜେ କରିଥିବା ଦେବୀ ଚର୍ଚ୍ଚିକାଙ୍କ ଆଗରେ ରଥଖଳା କରାଯାଇ ରଥ ନିର୍ମାଣ ଶୁଭାରମ୍ଭ ହୋଇଥାଏ। ବିଶ୍ୱକର୍ମା ମହାରଣାଙ୍କ ଦ୍ୱାରା ଶ୍ରୀଜୀଉଙ୍କ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଏ। ଦେବୀ ଚର୍ଚ୍ଚିକାଙ୍କ କରୁଣାରୁ ଶାସ୍ତ୍ରୀୟ ବିଧିରେ ନିର୍ମାଣ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହୋଇଥାଏ ବୋଲି ମଧ୍ୟ ବିଶ୍ୱାସ ରହିଛି। ଅକ୍ଷୟ ତୃତୀୟା ଦିନ ଅକ୍ଷି ପୂଜା ହେବାପରେ ବିଶ୍ୱକର୍ମା ଓ ତାଙ୍କର ସହଯୋଗୀ ମାନେ ରଥ ନିର୍ମାଣରେ ଲାଗିଥାନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରାର ଶୁଭାରମ୍ଭ ଏହି ଦିନରେ ହିଁ ହୋଇଥାଏ। ଖ୍ରୀଷ୍ଟିୟ ନବମ ଶତାବ୍ଦୀ ସମୟରୁ ଓଡ଼ିଶାରେ ଅକ୍ଷୟ ତୃତୀୟା ପର୍ବ ପାଳିତ ହୋଇ ଆସୁଥିବା ଐତିହାସିକ ପ୍ରମାଣ ମିଳେ। ଗତ ଦୁଇ ବର୍ଷ ହେଲା କରୋନା ସଂକ୍ରମଣ କାରଣରୁ ବିଭିନ୍ନ ପର୍ବ ପର୍ବାଣୀ ପାଳନ ଉପରେ ଲାଖିରହିଥିଲା କଟକଣା। ବିଶେଷକରି ଚାଷୀ କୁଳର ଅଭୂତପୂର୍ବ କ୍ଷତି ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଚଳିତ ବର୍ଷ ଏହାର ପ୍ରଭାବ ହ୍ରାସ ପାଇଥିବାରୁ କୃଷକ ମାନଙ୍କ ମନରେ ଆନନ୍ଦ ସୃଷ୍ଟି ହୋଇଥିବା ପରିଲକ୍ଷିତ ହେଉଛି। ତେଣୁ ଏବର୍ଷ ଏହାକୁ ଆନନ୍ଦ ଉଲ୍ଲାସରେ ପାଳିତ ହେବ ବୋଲି ଆଶା କରାଯାଏ। ଓଡ଼ିଶାର ଗର୍ବ ଓ ଗୌରବ ତା'ର କୃଷି ଉପରେ ଭାରାକ୍ରାନ୍ତ ହୋଇ ଓଡ଼ିଆର ସାଂସ୍କୃତିକ ଛବିକୁ ଅଧୀର କରେ। ଖରା ,ବରଷା, ଶୀତ, କାକରକୁ ଖାତିର୍ ନକରି କୃଷକ ଭାଇକି ଦେଶ ଦୁନିଆ କୁ ମୁଠେ ଆଧାର ଯୋଗାଇଥାଏ। ଗାଁ ପରିମଳ ଧୋବା ମୁଖରୁ ଜଣା ପଡ଼ିଲା ଭଳି, ଓଡ଼ିଶାର ସଂସ୍କୃତି କୃଷିରୁ ହିଁ ପରିସ୍ଫୁଟିତ ହୋଇଥାଏ। ଆଜିର ଏହି ପବିତ୍ର ଶୁଭ ଦିନରେ ଅଗଣିତ ଚାଷୀଭାଇ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କୃଷିର ଉନ୍ନତି କାମନା କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ଧରଣୀ ସୁଜଳା ସୁଫଳା ଶସ୍ୟ ଶ୍ୟାମଳାରେ ପରିପୂର୍ଣ୍ଣ ହୋଇଉଠୁ । କୃଷକମାନଙ୍କ ଅକ୍ଷି ମୁଠି ଅନୁକୂଳ ଶୁଭଙ୍କର ହେଉ। ଚଳିତ ବର୍ଷ ଭଲ ଅମଳ କୃଷକଙ୍କ ଜୀବନର ଆଣିଦେଉ ସୁଖ ଓ ସମୃଦ୍ଧି।

କେଶରପୁର ,
ବକ୍ସି ବଜାର , କଟକ
ମୋ :୭୯୭୮୧୫୧୭୧୦.

ଅକ୍ଷୟ ତୃତୀୟାର ଅନୁଚିନ୍ତା

ଡ଼ଃ.ଅରୁନ୍ଧତୀ ଦେବୀ

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟାକୁ 'ଅକ୍ଷୟ ତୃତୀୟା' କୁହାଯାଏ । ଏହି ଦିନରୁ ସତ୍ୟଯୁଗ ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ ରହିଛି, ତେଣୁ ଏ ଦିନ ବିଭିନ୍ନ ଦାନ, ଧାନ, ଧର୍ମ କରି ପ୍ରଭୁଙ୍କର ଅର୍ଚ୍ଚନା କରାଯାଏ । ପ୍ରଭୁ ଜଗନ୍ନାଥଙ୍କର ରଥଗଢ଼ା ଏହି ଦିନରୁ ଆରମ୍ଭ ହୁଏ । ଚନ୍ଦନଯାତ୍ରା ମଧ୍ୟ ଏହି ଦିନରୁ ଆରମ୍ଭ ହୁଏ । ଏହିସବୁ କାରଣରୁ ଏହିଦିନଟିକୁ ଶୁଭଦିନ ରୂପେ ପରିଗଣିତ କରାଯାଇ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ଅନୁଷ୍ଠିତ ହୋଇଥାଏ । କୃଷକ ଏ ଦିନ ତା' ସ୍ତ୍ରୀ ଠାରୁ ହଳଦି, ଚନ୍ଦନ, ସିନ୍ଦୂର ଲେପିତ ବିହନ - ଧାନପୂର୍ଣ୍ଣ ନୂତନ ଗଉଣୀକୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠାନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ । ସେଠାରେ ଲକ୍ଷ୍ମୀଠାକୁରାଣୀଙ୍କୁ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରିର ଇଶାଣ କୋଣରେ ପୋତି ହଳ ବୁଲାଏ ଓ ମୁଠା ମୁଠା ବିହନ କିଆରିରେ ବୁଣେ । ଏହାକୁ ଅକ୍ଷିମୁଠି କହନ୍ତି । ସଧବା ସ୍ତ୍ରୀମାନେ ଏ ଦିନ 'ଷଠୀଦେବୀ'ଙ୍କର ପୂଜା କରନ୍ତି । ଏଇ ତିଥିରେ ଯେଉଁ ଧର୍ମ ଅର୍ଜନ କରାଯାଏ, ତାହାର କ୍ଷୟ ନାହିଁ । କୃଷକ ନିଜ କିଆରିରେ 'ଅକ୍ଷିମୁଠି' ବିହନ ବୁଣି ଲକ୍ଷ୍ମୀଦେବୀଙ୍କୁ ପ୍ରାର୍ଥନା କରି କହେ - 'ହେ ଠାକୁରାଣୀ ! ମୋ' ଶସ୍ୟ କ୍ଷୟ ନ ହେଉ' । ତେଣୁ ଏହାର ନାମ ଅକ୍ଷୟ ତୃତୀୟା ।

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତ ହୁଏ । ଏହାକୁ ବ୍ରତ ରୂପେ ପାଳନ କରାଯାଏ । ବ୍ରତୀମାନେ ଶୁକ୍ଳକାଳରେ ଏହି ବ୍ରତକୁ ଆରମ୍ଭ କରି ଆଠ ବର୍ଷରେ ଉଦ୍‌ଯାପନ କରନ୍ତି । ଏଇ ଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ସେ ସମ୍ପର୍କରେ ଗୋଟିଏ ଚିତ୍ତାକର୍ଷକ ଉପାଖ୍ୟାନ ଦେଖିବାକୁ ମିଳେ । ପୁରାକାଳରେ ଜଣେ ପାପୀ ବ୍ରାହ୍ମଣ ଥିଲା, ସେ ତା ଜୀବନରେ କିଛି ଦାନ ଧର୍ମ ପୁଣ୍ୟ କାର୍ଯ୍ୟକରି ନଥିଲା । ଥରେ ତା' ଗୃହକୁ ଅନ୍ୟ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳ ଭିକ୍ଷା କଲା । ପାପୀ ବ୍ରାହ୍ମଣ ତାକୁ ଜଳ ନଦେଇ ନିଷ୍ଠୁର ଭାବରେ ଗୃହରୁ ବିତାଡ଼ନ କଲା ସମୟରେ ସୁଶୀଳା ନାମ୍ନୀ ତାର ସ୍ତ୍ରୀ ଆସି ସ୍ୱାମୀକୁ ସେ କାର୍ଯ୍ୟରୁ ନିବୃତ୍ତ କଲା ଓ ତୃଷାର୍ତ୍ତକୁ ଜଳଦାନ କଲା । କିଛି ବର୍ଷ ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେଲା । ଯମଦୂତମାନେ ଆସି ତାକୁ ବାନ୍ଧି ନେଇଗଲେ । ଯମପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳ ଭିକ୍ଷା କଲା । ଯମଦୂତମାନେ ତାହାକୁ ତିରସ୍କାର କରି କହିଲେ - 'ରେ ପାପୀ ତୁ ତୋ ଜୀବନରେ କାହାରିକୁ ଜଳଦାନ କରିନାହୁଁ, ଜଳଭିକ୍ଷା କରୁଛୁ କିପରି ?' ଏହି ସମୟରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯମରାଜ କହିଲେ - 'ଏହି ବ୍ରାହ୍ମଣ ସାରାଜୀବନ ପାପକର୍ମ କରିଥିଲେ ସୁଦ୍ଧା ଅକ୍ଷୟତୃତୀୟା ଦିନ ଏହାର ସ୍ତ୍ରୀ ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲା । ସ୍ତ୍ରୀର ସେହି ପୁଣ୍ୟବଳରୁ ଏହାର ପାପ ଖଣ୍ଡନ ହୋଇଅଛି । ତେଣୁ ଏହାର ଆଉ ନରକଭୋଗ ଯୋଗ ନାହିଁ । ବର୍ତ୍ତମାନ ସେ ସେଥିରୁ ମୁକ୍ତ ।'

ଅକ୍ଷୟ ତୃତୀୟା ସମ୍ପର୍କରେ ଏଇ ହେଲା ପୁରାଣ ଓ ବିଭିନ୍ନ ଶାସ୍ତ୍ରାନୁମୋଦିତ ମତ । ଆଜି ଜଡ଼ବାଦୀ ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କଲେ ମଧ୍ୟ ଏହାର ଉପାଦେୟତା ଯଥେଷ୍ଟ ଉପଲବ୍ଧ କରିହୁଏ । ବୈଶାଖ ମାସର ପ୍ରଚଣ୍ଡ ଗ୍ରୀଷ୍

ଚଣ୍ଡିଖୋଲ କୋର୍ଟରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ

ଚଣ୍ଡଖୋଲ,(ପିଏନ)-ଚଣ୍ଡଖୋଲ ତାଲୁକ୍ ଆଇନ୍ ସେବା କେନ୍ଦ୍ର ପକ୍ଷରୁ କୋର୍ଟ ପରସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ସଂପର୍କିତ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତସଲିମା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କୋର୍ଟର ବରିଷ୍ଠ ବିଚାରପତି ସୌଭାଗ୍ୟ ରଂଜନ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକମାନଙ୍କର ଦୂର୍ଘଟଣା କିମ୍ବା ମୃତ୍ୟୁ କ୍ଷତି ପୂରଣ ଆଇନ୍, କର୍ମଚାରୀ ରାଜ୍ୟ ବୀମା ଆଇନ୍, ମଜୁରୀ ପ୍ରଦାନ ଆଇନ୍, ସର୍ବନିମ୍ନ ମଜୁରୀ ଆଇନ୍, ସରକାରଙ୍କ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନାର ଉପଲବ୍ଧ, ଚାକିରୀ ସର୍ତ୍ତାବଳୀ ସମେତ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସେ ଦିଗରେ ଆଇନଗତ ନିରାକରଣ ସଂପର୍କରେ ଆଲୋକପାତ କରିଥିଲେ । ଏଠାରେ ଥିବା ତାଲୁକ୍ ଆଇନ୍ ସେବାକେନ୍ଦ୍ରରେ ମାଗଣାରେ ଉପଲବ୍ଧ ଥିବା ଆଇନ ସହାୟତା ନେବା ପାଇଁ ସେ ଉପସ୍ଥିତ ଶ୍ରମିକମାନଙ୍କୁ ପରାମର୍ଶ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୋର୍ଟ ବାର ଆସୋସିଏସନର ସଭାପତି ଦେବରାଜ ବେହେରା, ସଂପାଦକ ପ୍ରକାଶ କୁମାର ଦାଶ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କୋର୍ଟ ରିଟେନର୍ ଆଇନଜୀବୀ ସୁଢ଼ଳ କବି ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ସଂପାଦକ ସୌମ୍ୟ ରଂଜନ ସାମଲ, ନାଜର୍ କାର୍ତ୍ତିକ ମଲିକ୍ ପ୍ରମୁଖ ସହଯୋଗ କରିଥିଲେ ।

କେନ୍ଦ୍ରାପଡା କଲେଜରେ ନୂତନ ଅଧ୍ୟକ୍ଷ

କେନ୍ଦ୍ରାପଡା,(ପି.ଏନ) : କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଶନିବାର ଅବସର ନେଇଥିବାରୁ ତାଙ୍କ ସ୍ଥାନରେ କଲେଜର ଉପାଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ବେହେରା ଏହି କଲେଜର ଛାତ୍ର ଥିଲେ । କଲେଜ ଶିକ୍ଷା ଶେଷ ପରେ ୧୯୮୭ ମସିହାରେ ସେ ମାର୍ଶାଘାଇ କଲେଜରେ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପରେ ଓଳାଭର କଲେଜ, ଚାନ୍ଦୋଳ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରି ୨୦୧୧ ମସିହାରେ କେନ୍ଦ୍ରାପଡା କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ । ଏହାପରେ ସେ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରି ଆସୁଥିଲେ ।

2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

କେନ୍ଦ୍ରାପଡ଼ା,(ପି.ଏନ): ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଜିଲ୍ଲା କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଅମ୍ରିତ ରତୁରାଜ, ଆରକ୍ଷୀ ଅଧିକ୍ଷକ ସମ୍ବିତ ସମ୍ପଦ ମଡକର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗାପ୍ରସାଦ ମହାରଣା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଉପଜିଲ୍ଲାପାଳ ନିରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଗୁଡିକର ଶୁଣାଣି କରିଥରବା ବେଳେ ଡେପୁଟି କଲେକ୍ଟର(ଅଭିଯୋଗ) ଅନନ୍ୟା ତ୍ରିପାଠୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ନିର୍ବାହୀ ଯନ୍ତ୍ରୀମାନେ ଅଭିଯୋଗ ଶୁଣାଣିରେ ସହାୟତା ପ୍ରଦାନ କରିଥିଲେ । ଏହି ଅଭିଯୋଗ ଶୁଣାଣି ଶିବିରରେ ୬୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୬ଟି ସାମୂହିକ ଥରବା ବେଳେ ୫୬ଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ଜମିଜମା ସମସ୍ୟା, ରାସନକାର୍ଡ ପ୍ରଦାନ, ପୋଲିସ ସୁରକ୍ଷା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା, ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ ପ୍ରଭୃତି ପାଇଁ ଦରଖାସ୍ତ ଥିଲା । ସେହିଭଳି ସାମୂହିକ ଅଭିଯୋଗ ଗୁଡିକ ମଧ୍ୟରେ ପାନୀୟ ଜଳ ସମସ୍ୟା, ଗ୍ରାମ୍ୟ ଜମିକୁ ବେଆଇନ ଭାବେ ଅଧିଗ୍ରହଣ, ନଳକୂପ ଖନନ, ଚାଷଜମିରୁ ଜଳ ନିଷ୍କାସନ, ଗ୍ରାମ୍ୟରାସ୍ତା ଅବରୋଧ ହଟାଇବା, ଶିକ୍ଷା ଓ ମିଶନ ଶକ୍ତି ସମ୍ପର୍କିତ ଅଭିଯୋଗ ଆସିଥିଲା । ଚାନ୍ଦୋଳ ଅଞ୍ଚଳରେ ନଳକୂପ ଖନନ, ଗଗୁଆ ଅଞ୍ଚଳରୁ ଜଳନିଷ୍କାସନ ସମସ୍ୟା ସମ୍ପର୍କରେ ମଧ୍ୟ ଅଭିଯୋଗ ଆସିଥିଲା । ସାମୂହିକ ଅଭିଯୋଗ ଗୁଡିକର ଶୁଣାଣି କରି ସେଗୁଡିକର ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କଂସାର ସାହସପୁର ଗ୍ରାମର ଶ୍ରୀଧର ନାୟକଙ୍କ ଘର ପୋଡିଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଘରପୋଡି ବାବଦରେ ତାଙ୍କୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା । ଦୀର୍ଘ ୩ ବର୍ଷ ପରେ କେନ୍ଦ୍ରାପଡା ସଦର ମହକୁମାରେ ମିଳିତ ଜନଶୁଣାଣି ଅନୁଷ୍ଠିତ ହେଉଥିବାରୁ ଲୋକମାନେ ବିଭିନ୍ନ ଅଭିଯୋଗ ଧରି ସକାଳ ୭ଟାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । କିନ୍ତୁ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ୯ଟା ୫୦ ମିନିଟରେ ଏହି ଶିବିରରେ ପହଞ୍ଚିଥିଲେ । ସେତେବେଳକୁ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଅଭିଯୋଗ ଗୁଡିକୁ ଜନଶୁଣାଣି ଶିବିରରେ ଉପସ୍ଥିତ ଥିବା ବିଭାଗୀୟ ଅଧିକାରୀମାନଙ୍କୁ ଶୁଣାଣି କରିବାକୁ ହସ୍ତାନ୍ତର କରିଥିଲେ । ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକ ମାତ୍ର ପାଞ୍ଚ ଛଅଟି ଅଭିଯୋଗ ଶୁଣିବା ପରେ ୧୧ଟାରେ ସଭାଗୃହରୁ ବାହାରି ଚାଲିଯାଇଥିଲେ । ପ୍ରତିମାସ ପ୍ରଥମ ଶନିବାର ଜିଲ୍ଲା ସଦର ମହକୁମାରେ ଏହିଭଳି ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ ଏବଂ ଅନ୍ୟ ସୋମବାର ଗୁଡିକରେ ବିଭିନ୍ନ ବ୍ଲକରେ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ ।

ମୟୂର ଅଫ୍‌ସେଟ୍ ପ୍ରିଣ୍ଟର୍ସ ମାଲିକଙ୍କ ପ୍ରେସ୍ ଇସ୍ତାହାର

ଭୁବନେଶ୍ୱର, (ପି.ଏନ): ସ୍ଥାନୀୟ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ମୟୂର ଅଫ୍‌ସେଟ୍ ପ୍ରିଣ୍ଟର୍ସ ସଂସ୍ଥାର ସତ୍ତ୍ୱାଧିକାରୀ ଶ୍ରୀ ଲଲାଟକିଶୋର ଭଂଜଙ୍କ ନାମରେ ଉଠିଥିବା ଅଭିଯୋଗ ସଂପର୍କରେ ଏକ ସ୍ପଷ୍ଟୀକରଣ ଜରିଆରେ ପ୍ରେସ୍ ରିଲିଜ୍ ଜାରି କରିଛନ୍ତି କର୍ତ୍ତୃପକ୍ଷ । ତାଙ୍କର କହିବା କଥା ମୁଁ ହେଉଛି ପ୍ରିଣ୍ଟିଂ ପ୍ରେସ୍‌ର ମାଲିକ । ମୋ ପାଖକୁ ଯାହା ଛାପିବା ପାଇଁ ଆସେ ତା'ର ପ୍ରାପ୍ୟ ନେଇ ମୁଁ ତାକୁ ଛାପି ହସ୍ତାନ୍ତର କରିଥାଏ । କିନ୍ତୁ ଏକ ନିର୍ଦ୍ଦିଷ୍ଟ ଖବରକାଗଜ ସଂସ୍ଥାର ମାଲିକ କେଉଁଭଳି ଆକାରରେ, କିଭଳି ଛଳନା କରି ନକଲି ବିଜ୍ଞାପନ ସଂଗ୍ରହ କରି ଏଭଳି କେଳେଙ୍କାରୀ କରିଛନ୍ତି ତାହା ଜାଣିବା ମୋ ପକ୍ଷରେ ସମ୍ଭବ ନୁହେଁ । ଶ୍ରୀ ଲଲାଟ ଭଂଜ ତାଙ୍କ ପ୍ରେସ୍ ଇସ୍ତାହାରରେ ଯାହା ଉଲ୍ଲେଖ କରିଛନ୍ତି ୨୦୧୫ ମସିହାରେ ମେନାଜ ଗକୁମାର ସେଠ୍ ନାମକ ଜଣେ ବ୍ୟକ୍ତି ତାଙ୍କର ସମାଜ ଆଇନା ଓ ସ୍ୱିଡି ନ୍ୟୁଜ୍ ନାମକ ପତ୍ରିକା ଛପାଇବା ପାଇଁ ମୋ ପ୍ରେସର ନାମକୁ ବ୍ୟବହାର କରୁଥିଲେ ଓ ୨୦୧୫ ଓ ୨୦୧୬ ମସିହା ଦୁଇବର୍ଷ ଧରି ମୋ ପ୍ରେସରେ ଛାପୁଥିଲେ । ଉଦୟନାଥ ସାହୁ ମଧ୍ୟ ତାଙ୍କର ସିଂହାସନ ଦୈନିକ ସମ୍ବାଦପତ୍ର ମୋ ପ୍ରେସରେ ଛପାଯାଉଥିଲା । ଛାପିବା ପାଇଁ ସ୍ଥିର ହୋଇଥିବା ଅର୍ଥରେ ଉଭୟ ରିହାତି ମାଗିବାରୁ ଆମେ ସେ ଦୁହିଁଙ୍କର କାଗଜଗୁଡ଼ିକୁ ଆଉ ଛାପିବା ବନ୍ଦ କରିଦେଲୁ ।୨୦୧୬ ମସିହାରେ ମନୋଜ କୁମାର ସେଠ୍ ତତ୍କାଳୀନ ଉତ୍ତରପ୍ରଦେଶ ସାଂସଦ ଯୋଗୀ ଆଦିତ୍ୟନାଥଙ୍କର ଲେଟରପ୍ୟାଡ ଓ ଇମେଲ୍ ଜାଲି କରି ସେମାନେ ବିଭିନ୍ନ ସଂସ୍ଥାରୁ କୋଟି କୋଟି ଟଙ୍କାର ବିଜ୍ଞାପନ ସଂଗ୍ରହ କରିଥିବା ମାମଲାରେ ଛନ୍ଦି ହୋଇଥିଲେ । ଚଳିତ ବର୍ଷ ଜାନୁଆରୀ ମାସରେ ଦିଲ୍ଲୀ ପୋଲିସ୍ ଆସି ମନୋଜ ସେଠ୍‌ଙ୍କୁ ଓଡ଼ିଶାରୁ ଉଠାଇ ନେଇଥିଲା । ସେ ବର୍ତ୍ତମାନ ତିହାର ଜେଲରେ ଥିବା ଶୁଣିବାକୁ ମିଳୁଛି । ଆର୍‌ଏନଆଇ ଡାଟା ବେସ୍‌ରେ ଆମ ପ୍ରେସର ନାମ ସେ ଦୁଇଜଣ ପରିବର୍ତ୍ତନ କରିନଥିବାରୁ ଆମ ପାଖକୁ ୧୨ ଫେବୃଆରୀ ୨୦୨୨ରେ ଦିଲ୍ଲୀ ପୋଲିସ୍ ନୋଟିସ୍ ପଠାଇଥିଲା । ୧୪, ଫେବୃଆରୀ ୨୦୨୨ରେ ଆମେ ସେ ନୋଟିସର ଉତ୍ତର ଦେଲୁ କି ସମାଜ ଆଇନା ଓ ସ୍ୱିଡି ନ୍ୟୁଜ୍ ଆମ ପାଖରେ ୨୦୧୫ ଓ ୨୦୧୬ରେ ଛପାଯାଉଥିଲା; କିନ୍ତୁ ତା'ପରେ ଆମେ ଆଉ ତାହା ଛାପୁନଥିଲୁ ଓ ଏହି କେସର ମୁଖ୍ୟ ଖବରକାଗଜ 'ଟପ୍ ନ୍ୟୁଜ୍' ଆମ ପାଖରେ କେବେ ବି ଛପା ହୁଏ ନାହିଁ ବା ସେ କାଗଜ ଛାପିବା ପାଇଁ ଆମେ କେବେ ଆମର ଏନ୍.ଓ.ସି. ଦେଇ ନାହୁଁ । ଏଠାରେ ମୁଁ ଉଲ୍ଲେଖ କରିବାକୁ ଚାହେଁ ଯେ, ମନୋଜ ସେଠ୍ ଓ ଉଦୟ କୁମାର ସାହୁ ଉଭୟ ମୋ ପ୍ରେସକୁ ସେହି ସମୟରେ ନିୟମିତ ଆସୁଥିଲେ ଓ ସେମାନଙ୍କର ପତ୍ରପତ୍ରିକା ଛାପୁଥିଲେ । ଜତ ୨୪ ତାରିଖରେ ସିବିଆଇ ଦିଲ୍ଲୀ ପୋଲିସର ଦୁଇଜଣ କର୍ମଚାରୀଙ୍କୁ ଲାଞ୍ଚ କାରବାର ମାମଲାରେ ଗିରଫ କରିଥିବା ବେଳେ ଏହି ମାମଲାରେ ଅଭିଯୋଗକାରୀ ଉଦୟ କୁମାର ସାହୁ ନିଜକୁ ଭଦ୍ର ଲୋକ ଭାବେ ପରିଚିତ କରାଇବା ପାଇଁ ମିଡ଼ିଆ ଆଗରେ ଯେଉଁଭଳି ବୟାନ ଦେଲେ ତାହା ଆଶ୍ଚର୍ଯ୍ୟଜନକ । ସେ ଅଭିଯୋଗ କରିଛନ୍ତି ଓ ଦିଲ୍ଲୀ ପୋଲିସର ଦୁଇଜଣ କର୍ମଚାରୀ ଗିରଫ ହୋଇଛନ୍ତି ଏକଥା ସତ୍ୟ; କିନ୍ତୁ ସେ ମିଡ଼ିଆ ଆଗରେ ମୁଁ ଫେରାର ଥିବା କଥା କହି ମୋ ଉପରେ ତାଙ୍କର ଥିବା ପୁରୁଣା ରାଗ ଶୁଝାଇବାକୁ ହୀନ ଉଦ୍ୟମ କରିଛନ୍ତି । ମୁଁ ସମାଜର ଜଣେ ପରିଚିତ ଓ ସମ୍ମାନସ୍ପଦ ବ୍ୟକ୍ତି । ତେଣୁ ମୋ ନାମରେ ଉଠିଥିବା ଗୁଜମ ତଥ୍ୟ ସବୁ ମିଥ୍ୟା ଓ କପୋଳକଳ୍ପିତ ବୋଲି ଶ୍ରୀ ଭଂଜ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି । ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା । ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି । ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ । ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି । ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା । ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ । ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା । ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ । ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ । ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ । ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା । ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା ।

ପୌରାଞ୍ଚଳ ବସ୍ତି ଉନ୍ନୟନ ମହାସଂଘର ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,(ପି.ଏନ): ପୌରାଞ୍ଚଳ ବସ୍ତି ଉନ୍ନୟନ ମହାସଂଘର ସମ୍ବର୍ଦ୍ଧନା ଉତ୍ସବ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ମହାସଂଘର ସଭାପତି ବଳରାମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜୟ ଓଡିଶାର ଅଧ୍ୟକ୍ଷ ରୁଦ୍ର ନାରାୟଣ ସାମନ୍ତରାୟ,ସମ୍ମାନିତ ଅତିଥି ଭାବେ ନାରିନେତ୍ରୀ ସୁକ୍ତା ମହାନ୍ତି ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବସ୍ତି ବାସିନ୍ଦାଙ୍କ ପାଇଁ ଥିବା ଉତ୍ସର୍ଗୀକୃତ ମନୋଭାବ ଓ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ କହିଥିଲେ । ମହାସଂଘର କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲା ବେଳେ ସମ୍ପାଦକ ଧିରେନ୍ଦ୍ର ସ୍ୱାଇଁ ବାର୍ଷୀକ ବିବରଣି ପାଠ କରିଥିଲେ । ଏହି ଅବସରରେ ନବ ନିର୍ବାଚିତ କର୍ପୋରେଟର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଉପସଭାପତି ଅଲେଖ ଚନ୍ଦ୍ର ବାରିକ,ନୀଳକଣ୍ଠ ରାଉତ,ସହ ସମ୍ପାଦକ ଆନନ୍ଦ ପରିଡା,କୋଷାଧ୍ୟକ୍ଷ ସନ୍ତୋଷ ଘଡେଇ ଓ ଉମାକାନ୍ତ ରାଉତ ପ୍ରମୁଖ ପରିଚାଳନା କରିଥିଲେ । ଏଥିରେ ସମସ୍ତ ବସ୍ତିର କର୍ମକର୍ତ୍ତା ଓ ବାସିନ୍ଦାମାନେ ଉପସ୍ଥିତ ଥିଲେ ।

କେନ୍ଦ୍ରାପଡା ଟାଉନ ପୋଲିସ ଓ ଆରଟିଓଙ୍କ ମିଳିତ ଗାଡି ଯାଞ୍ଚ

କେନ୍ଦ୍ରାପଡା,(ପି.ଏନ): କେନ୍ଦ୍ରାପଡା ଟାଉନ ଥାନା ପୋଲିସ ଏବଂ କେନ୍ଦ୍ରାପଡା ଆଞ୍ଚଳିକ ପରିବହନ ଅଧିକାରୀଙ୍କ ମିଳିତ ଗାଡିମଟର ଯାଞ୍ଚ କରାଯାଉଥିବା ଦେଖିବାକୁ ମିଳିଛି । କେନ୍ଦ୍ରାପଡା ସହରର ମୀରପାଟଣା ଲକରୋଡ ସମ୍ମୁଖରେ ରବିବାର ସନ୍ଧ୍ୟାରେ ଉଭୟ ପୋଲିସ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ସେହି ରାସ୍ତା ଦେଇ ଯାଉଥିବା ଗାଡି ଚାଳକମାନେ ନିଶା ସେବନ କରି ଗାଡି ଚଳାଉଛନ୍ତି କି ନାହିଁ ଏବଂ ହେଲମେଟ ପିନ୍ଧିଛନ୍ତି କି ନାହିଁ ତା'ର ଯାଞ୍ଚ କରିଥିଲେ ।

କଟକରେ ତିର୍ତୋଲ ନାବାଳିକା ଗଣଦୁଷ୍କର୍ମ ପ୍ରସଙ୍ଗ

ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂ

ମୋ ଓଡ଼ିଶା

କଂଗ୍ରେସ ସଭ୍ୟ ସଂଗ୍ରହ ଅଭିଯାନ ତ୍ୱରାନ୍ୱିତ କରିବାପାଇଁ ପ୍ରଦେଶ ନିର୍ବାଚନ ଅଧିକାରୀ ସାଂସଦ ଶ୍ରୀ ନିରଜ ଡାଙ୍ଗିଙ୍କ ତିନିଦିନିଆ ଓଡିଶା ଗସ୍ତ କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ)- କଂଗ୍ରେସ ସଭ୍ୟସଂଗ୍ରହ ଅଭିଯାନ ଓ ଦଳର ସାଂଗଠନିକ ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସଂପନ୍ନ କରିବାପାଇଁ ଏଆଇସିସି ଗୁରୁତ୍ୱ ପ୍ରଦାନ କରିଛଁ। ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା ନିମଙ୍ଗେ ଓଡ଼ିଶାରେ ସଭ୍ୟସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବାପାଇଁ ରାଜ୍ୟସଭା ସାଂସଦ ଶ୍ରୀ ନିରଜ ଡାଙ୍ଗି ପ୍ରଦେଶ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତି ପାଇଛଁ। ଶ୍ରୀ ଡାଙ୍ଗି ତା୦୨.୦୩.୨୦୨୨ରିଖ ବୁଧବାର ଦିନ ଭୁବନେଶ୍ୱରରେ ପଂହଚୁଛଁ। ୩ ତାରିଖ ଗୁରୁବାର ଦିବା ୧୧ ଘଂଟା ସମୟରେ ଭୁବନେଶ୍ୱରସ୍ଥ ନୀଳାଦ୍ରି ବିହାର, ନ୍ୟୁ କେୟାର ହସପିଟାଲ ପାଖ 'ଲୁମ୍ବିନୀ କନ୍‌ଭେନସନ୍' ଠାରେ ପ୍ରଦେଶ କଂଗ୍ରେସ କର୍ମକର୍ତା / ଏଆଇସିସି ସଭ୍ୟ / ପିସିସି ସଭ୍ୟ / ସାଂସଦ/ ବିଧାୟକ / ସାଂସଦ ଓ ବିଧାୟକ ପ୍ରାର୍ଥୀ / ଜିଲ୍ଲା କଂଗ୍ରେସ କମିଟି ସଭାପତି / ବ୍ଲକ ଓ ନଗର କଂଗ୍ରେସ କମିଟି ସଭାପତି / ରାଜ୍ୟ ସାମ୍ମୁଖ୍ୟ, ବିଭାଗ ଓ ପ୍ରକୋଷ୍ଠ ମୁଖ୍ୟ / ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ / ଏଆଇସିସି ପଦାଧିକାରୀ / ପ୍ରାକ୍ତନ ମନ୍ତ୍ରୀ, ବିଧାୟକ ଓ ସାଂସଦ/ ପ୍ରାକ୍ତନ ପିସିସି ସଭାପତି ଓ ବିରୋଧି ଦଳ ନେତା ମାନଙ୍କର ବୈଠକରେ ଶ୍ରୀ ଡାଙ୍ଗି ଯୋଗଦେବେ। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଖିଳ ଭାରତ କଂଗ୍ରେସ କମିଟି ସାଧାରଣ ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର, ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ ଏବଂ ଅତିରିକ୍ତ ପ୍ରଦେଶ ନିର୍ବାଚନ ଅଧିକାରୀ ଶ୍ରୀ ସନ୍ଦିପ ସିଂ ଓ ଶ୍ରୀ ଅମିତାଭ ଚକ୍ରବର୍ତୀ ଉପସ୍ଥିତ ରହିବେ। ଏହି ବୈଠକରେ ସଭ୍ୟ ସଂଗ୍ରହ ଅଭିଯାନ ଏବଂ ସାଂଗଠନିକ ନିର୍ବାଚନ ସଂପର୍କରେ ପୂର୍ଣ୍ଣାଙ୍ଗ ଆଲୋଚନା କରାଯିବ ବୋଲି ପିସିସି ପକ୍ଷରୁ ଏକ ପ୍ରେସ ବିବୃତିରେ କୁହାଯାଇଛି। ସେହିପରି ଭାବରେ ତା୪.୩.୨୦୨୨ ରିଖ ଶୁକ୍ରବାର ଦିବା ୧୧ ଘଂଟା ଠାରୁ ଅପରାହ୍ନ ୪ ଘଂଟା ପର୍ଯ୍ୟଂ ଭୁବନେଶ୍ୱର କଂଗ୍ରେସ ଭବନ କାର୍ଯ୍ୟାଳୟ ଠାରେ ଶ୍ରୀ ଡାଙ୍ଗି ବରିଷ୍ଠ ନେତୃବୃନ୍ଦ ଓ କଂଗ୍ରେସ କର୍ମୀମାନଙ୍କ ସହ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଆବଶ୍ୟକ ମନେକଲେ ଉପରୋକ୍ତ ସମୟସୀମା ମଧ୍ୟରେ ଶ୍ରୀ ଡାଙ୍ଗିଙ୍କୁ ଭେଟି ଆଲୋଚନା କରିପାରିବେ ବୋଲି ପିସିସି ପକ୍ଷରୁ କୁହାଯାଇଛି। ଉଭୟ ବୈଠକରେ ଯୋଗଦେବାକୁ ଉପରୋକ୍ତ ବର୍ଗର ନେତୃବୃନ୍ଦଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରାଯାଇଛି। ଯେଉଁମାନେ ଅବଗତ ହୋଇପାରି ନଥିବେ, ସେମାନେ ଏହାକୁ ପତ୍ର ମନେକରି ନିର୍ଦ୍ଧାରିତ ସମୟରେ ବୈଠକରେ ଯୋଗଦେବାକୁ ପିସିସି ପକ୍ଷରୁ ଅନୁରୋଧ କରାଯାଇଛି।

କେନ୍ଦ୍ରାପଡାରେ ପୁଲୱାମା ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା (ପିଏନ୍): ସାମାଜିକ ଅନୁଷ୍ଠାନ 'ଜୟ ରାଷ୍ଟ୍ର' ପକ୍ଷରୁ ପୁଲୱାମା ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏହି ଉପଲକ୍ଷେ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇ ସହୀଦମାନଙ୍କ ।ମର ଆତ୍ମାର ସଦଗତି କାମନା କରାଯାଇଥିଲା। ପୁଲୱାମା ସହୀଦଙ୍କ ବଳିଦାନ ଆଗାମୀ ଯୁବ ପିଢ଼ୀକୁ ରାଷ୍ଟ୍ରବାଦରେ ଅନୁପ୍ରାଣିତ କରିବ ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ସାମ୍ବାଦିକ ମାତୃଦତ୍ତ ମହାନ୍ତି, ବୀରେନ୍ଦ୍ର ଦାସ, ମଳୟ ସାହୁ, ରଶ୍ମୀରଞ୍ଜନ ସ୍ୱାଇଁ, ନିରଞ୍ଜନ ପରିଡା ପ୍ରମୁଖ ସାମ୍ବାଦିକ, ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ସହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

କଳାପାହାଡ଼ ଭୂମିକାରେ ଅଭିନେତା ଚନ୍ଦନ

ଭୁବନେଶ୍ୱର (ପିଏନ୍): ବର୍ତ୍ତମାନ ସମୟରେ ଓଡ଼ିଆ ଚଳଚ୍ଚିତ୍ର ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି ଓ ଅନେକ ସିନେମା ହଲଗୁଡ଼ିକ ବନ୍ଦ ହେବାକୁ ଲାଗିଲାଣି। ଚଳଚ୍ଚିତ୍ର ଜଗତକୁ ପୂର୍ବଭଳି ଉଜ୍ଜିବୀତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଅଭିନେତା ଚନ୍ଦନ କର। ଚିରାଚରିତ ଲଭ, ରୋମାଞ୍ଚ ଭଳି ସିନେମାଠୁ ଦୂରେଇ ଓଡ଼ିଶାର ସଂସ୍କୃତି ଓ ଇତିହାସକୁ ନେଇ ଚଳଚ୍ଚିତ୍ର କରିବାକୁ ସେ ଉଦ୍ୟମ ଜାରି ରଖିଛନ୍ତି। କିଛିଦିନ ପୂର୍ବରୁ ଓଡ଼ିଶାର ପ୍ରଥମ ସହିଦ ଜୟୀ ରାଜଗୁରୁଙ୍କ ଜୀବନକାହାଣୀକୁ ନେଇ ମହର୍ଷି ଶୀର୍ଷକ ଏକ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ଯାହା ମୁକ୍ତିଲାଭ ଅପେକ୍ଷାରେ ଅଛି ଓ ଏହା ଜନମାନସରେ ଓଡ଼ିଆ ଚଳଚ୍ଚିତ୍ର ପ୍ରତି ଆସ୍ଥାପ୍ରକଟ କରିବ ବୋଲି ଆଶା କରାଯାଉଛି। ଆଉ ଏବେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ଇତିହାସ ସୃଷ୍ଟି କଲାଭଳି ଚଳଚ୍ଚିତ୍ର 'କଳାପାହାଡ଼' ନିର୍ମାଣ କରିବାକୁ ଯାଉଛନ୍ତି। ଏହି ଚଳଚ୍ଚିତ୍ରରେ ଅଭିନେତା ଚନ୍ଦନ ଏକ ଭିନ୍ନ ଅବତାରରେ ଦେଖିବାକୁ ମିଳିବେ। ଯାହାର ପୋଷ୍ଟର ଓ ମୋସନ ପିକଚ୍‌ର ଭୁବନେଶ୍ୱରସ୍ଥିତ ଗୀତଗୋବନ୍ଦ ସଦନରେ ଲୋକାର୍ପିତ ହୋଇଯାଇଛି। ଏଥିରେ ଅତିଥି ରୂପେ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକ, ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ଦିଲ୍ଲୀପ ଶ୍ରୀଚନ୍ଦନ, ବରିଷ୍ଠ ଅଭିନେତ୍ରୀ ପ୍ରତିଭା ପଣ୍ଡା, ବରିଷ୍ଠ ସ୍ତମ୍ଭକାର ଅମିୟ ପାଣ୍ଡବ ଓ ବିଜୁ ଛାତ୍ର ଜନତା ଦଳ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ସଭାପତି ଶକ୍ତି ପ୍ରକାଶ ପତି ପ୍ରମୁଖ ଯୋଗଦେଇ ଅଭିନେତା ଚନ୍ଦନ କରଙ୍କ ଏହି ନୂତନ ପ୍ରୟାସକୁ ପ୍ରଶଂସା କରିଥିଲେ।

ଆଦିବାସୀପଲ୍ଲୀରେ ମାଟି ମାଆର ପୂଜା

ଭୁବନେଶ୍ୱର (ପିଏନ୍) : ମାଟି ହେଉଛି ମାଆ। ତା'ରି କୋଳରେ ଜୀବଜଗତ ଜନ୍ମଲାଭ କରେ। ଆଉ ତାରି କୋଳରେ ମୃତ୍ୟୁବରଣ କରିଥାଏ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ନିଜ କୋଳରେ ଜୀବଜଗତ ଧରି ରଖିବା ସହିତ ତାର ନାନାବିଧ ଆବଶ୍ୟକତା ପୂରଣ କରିଥାଏ। ସେ ମଣିଷ ହୁଅନ୍ତୁ କିମ୍ବା ପଶୁପକ୍ଷୀ କିମ୍ବା ବୃକ୍ଷଲତା ସମସ୍ତେ ମୃତ୍ତିକାରୁ ହିଁ ନିଜର ଖାଦ୍ୟ ଓ ପାନୀୟ ସଂଗ୍ରହ କରିଥାନ୍ତି। ସୁତରାଂ ଜୀବଜଗତ ବଞ୍ଚି ରହିବାର ଏକମାତ୍ର ମାଧ୍ୟମ ହେଉଛି ମାଟି। ମାଟି ମାଆ ନମସ୍ତୁତେ। ମାଟିର ସୁରକ୍ଷା ନିତାନ୍ତ ଜରୁରୀ ବୋଲି ଚନ୍ଦକା-ଡମ୍‌ପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଥିବା ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବନବାସୀଙ୍କୁ ସଚେତନ କରାଇଛନ୍ତି ଓଡ଼ିଶାର ଜଣାଶୁଣା ସୁପ୍ରତିଷ୍ଠିତ ପରିବେଶବିତ୍ ଗଛସାର୍। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଜନସଚେତନତା କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଧିବିଧାନ ପୂର୍ବକ ମାଟି ମାଆର ପୂଜା ସହ ବୃକ୍ଷପୂଜନ କରାଯାଇଥିଲା। ଜଙ୍ଗଲ ବଞ୍ଚିଲେ ସଭିଏଁ ବଞ୍ଚିବା ଅର୍ଥାତ୍ ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ଲାଗି ଆମ୍ଭମାନଙ୍କର ଗୁରୁଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି ବୋଲି ବିଭିନ୍ନ ପୋଷ୍ଟର ମାଧ୍ୟମରେ ବନବାସୀଙ୍କୁ ଗଛସାର୍ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ଅଙ୍କିତ କୁମାର ପଟ୍ଟନାୟକ, ମନୋଜ ପ୍ରଧାନ, ଦୀପକ କୁମାର ଚୌଧୁରୀ, ତ୍ରିଲୋଚନ ବେଉରା, ପ୍ରଦୀପ୍ତ ରଞ୍ଜନ ରାଉତରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ପାରାଦୀପ କଲେଜ ଏନ୍‌ସିସି ଆଲୁମିନି ଆସୋସିଏସନର ବନ୍ଧୁ ମିଳନ

ପାରାଦୀପ (ପିଏନ୍)-ସମସ୍ତ ଏନ୍‌ସିସି(ନାଭାଲ) ପୂରାତନ ଛାତ୍ରଛାତ୍ରୀ(ଆଲୁମିନି)ଙ୍କୁ ଏକାଠି କରିବା ଏବଂ ସେମାନଙ୍କୁ ଜାତୀୟ ଏନ୍‌ସିସି ଆଲୁମିନି ଆସୋସିଏସନରେ ପଂଜିକୃତ କରିବା ଉଦ୍ଦେଶ୍ୟରେ ପାରାଦୀପ କଲେଜ ଏନ୍‌ସିସି ଆଲୁମିନି ଆସୋସିଏସନ ପକ୍ଷରୁ ପାରାଦୀପର ଗଲ୍ଫ ପଡିଆଠାରେ ଏକ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। କଟକ ଏନ୍‌ସିସି କମାଣ୍ଡର କଲୋନେଲ୍ ରଜନୀଶ କାପୁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏଥିରେ ସମସ୍ତ ପୂରାତନ ଓ ବର୍ତ୍ତମାନର ଏନ୍‌ସିସି ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରି ନିଜ ଭିତରେ ଭାବର ବିନିମୟ କରି ସାଂସ୍କୃତିକ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ତଟରକ୍ଷୀ ବାହିନୀ ପାରାଦୀପର କମାଣ୍ଡାଣ୍ଟ ସଂ'ାଷ ବି.ନାୟାର, କଟକ ନାଭାଲ ୟୁନିଟ୍ କମାଣ୍ଡିଂ ଅଫିସର କ୍ୟାପଟେନ୍ ହିମାଂଶୁ ପୃଷ୍ଟି, ପାରାଦୀପ ବନ୍ଦର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍.ସୋନ୍ଧି, ପାରାଦୀପ କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥି ପ୍ରମୁଖ ଅତିଥି ଏବଂ କୋଷ୍ଟଗାର୍ଡ ଓ ଏନ୍‌ସିସିର ଅନ୍ୟ ଅଧିକାରୀ ମାନେ ନିମନ୍ତ୍ରିତ ଅତିଥବ ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପାରାଦୀପ କଲେଜର ଏନ୍‌ସିସି ଅଫିସର ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ପରିଚାଳନା କରିଥାଲ।

ଶ୍ରମିକ ନେତା ଯୋଗେନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଏଚ୍‌ଏମ୍‌ଏସ୍ ପକ୍ଷରୁ ସ୍ମୃତିସଭା

ବ୍ରହ୍ମପୁର (ପିଏନ୍): ଭାରତର ଅଗ୍ରଣୀ ଶ୍ରମିକ ସଂଗଠନ ହିନ୍ଦ୍ ମଜଦୁର ସଭା (ଏଚ୍‌ଏମ୍‌ଏସ୍) ପକ୍ଷରୁ ବିଶିଷ୍ଟ ଶ୍ରମିକ ନେତା ତଥା ଏଚଏମଏସର ସାଧାରଣ ସମ୍ପାଦକ, ମେଡିକାଲ କର୍ମଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଯୋଗେନ୍ଦ୍ର ତ୍ରିପାଠୀଙ୍କ ବିୟୋଗରେ ଏକ ସ୍ମୃତିସଭା ସ୍ଥାନୀୟ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ବିଶ୍ୱନାଥ ପଣ୍ଡିତ ଭବନଠାରେ ଏଚଏମଏସ୍‌ର ରାଜ୍ୟ ଉପସଭାପତି ତଥା ମେଡିକାଲ କର୍ମଚାରୀ ସଂଘର ଉପଦେଷ୍ଟା ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସ୍ୱର୍ଗତ ତ୍ରିପାଠୀଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉପଦେଷ୍ଟା ଶ୍ରୀ ରଥ ଯୋଗେନ୍ଦ୍ର ବାବୁଙ୍କ ଶ୍ରମିକଙ୍କ ପାଇଁ ରହିଥିବା ବିଭିନ୍ନ ଅବଦାନ ସମ୍ପର୍କରେ ଆଲୋକପାତ କରି ନିର୍ମାଣ ଶ୍ରମିକ, ମେହନ୍ତର, ମେଡିକାଲ ଓ ବିଡ଼ି ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ଆଜୀବନ ସଂଗ୍ରାମ କରିଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମେଡିକାଲ କର୍ମଚାରୀ ସଂଘର ଉପସଭାପତି ସୁକାନ୍ତ ମୁଖୀ, ରାଜ୍ୟ ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାୟକ, ଏମକେସିଜି ମେଡିକାଲ କଲେଜ ଶାଖାର ସମ୍ପାଦକ ରାଜୁ ଚିନ୍ନା, ଗଞ୍ଜାମ ଜିଲା ମେଡିକାଲ କର୍ମଚାରୀ ସଂଘ ସାଧାରଣ ସମ୍ପାଦିକା ରେଣୁପ୍ରିୟା ପାଢ଼ୀ, ମେଡିକାଲ କର୍ମଚାରୀ ସଂଘ ଉପଦେଷ୍ଟା ଲାଲୁ ମୋହନ ବେହେରା, ଏଚଏମ୍‌ଏସ୍‌ର ବ୍ରହ୍ମପୁର ଆବାହକ ତଥା ଦଳିତ ସଂଗଠନ ସଭାପତି ପଦ୍ମଚରଣ ନାୟକ, କେଶବ ନାୟକ, ସାମ୍ବାଦିକ ପବିତ୍ର କୁମାର ଚୌଧୁରୀଙ୍କ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

ପାଂଚନମ୍ବର ଜୋନର ୮ଟି ପଞ୍ଚାୟତରେ ବିଜୟୀ ସରପଞ୍ଚ ଓ ସମିତିସଭ୍ୟ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକର ୫ନମ୍ବର ଜୋନରେ ଇନ୍ଦୁପୁର, ଧୂମାତ, ଘାଘରା, ଚାରିଗାଁ, ନିକିରାଇ, ଡୋଲ, କୁତୁରଙ୍ଗ, କୋରୋ ପ୍ରଭୃତି ୮ଟି ପଞ୍ଚାୟତ ରହିଛି। କେନ୍ଦ୍ରାପଡା କଲେଜରେ ପ୍ରଥମ ପର୍ଯ୍ୟାୟରେ ଏହି ଜୋନର ଭୋଟ ଗଣନା ଶନିବାର ଅନୁଷ୍ଠିତ ହୋଇ ରବିବାର ସକାଳେ ଫଳାଫଳ ପ୍ରକାଶ ପାଇଛି। କେନ୍ଦ୍ରାପଡା ବ୍ଲକ ବିଡିଓ ତଥା ନିର୍ବାଚନ ଅଧିକାରୀଙ୍କ ଘୋଷଣା ଅନୁଯାଇ ଇନ୍ଦୁପୁର ପଞ୍ଚାୟତରେ ସରପଞ୍ଚ ଭାବେ ପ୍ରଦିପ୍ତରଞ୍ଜନ ସୂତାର ୯୫୯ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରଫୁଲ୍ଲ କୁମାର ଦାସଙ୍କଠାରୁ ୨୬୩ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଧୂମାତ ପଞ୍ଚାୟତରେ ସରପଞ୍ଚ ଭାବେ ମଞ୍ଜୁଲତା ସେଠୀ ୧୧୪୯ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଅନ୍ନପୂର୍ଣ୍ଣା ମଲିକଙ୍କ ଠାରୁ ୩ଶହ ଭୋଟ ଅଧିକ ପାଇଛନ୍ତି। ଘାଘରା ପଞ୍ଚାତରେ ସରପଞ୍ଚ ଭାବେ ପ୍ରିୟଦର୍ଶିନୀ ବିଶ୍ୱାଳ ୧୧୯୬ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଶକୁନ୍ତଳା ମଲିକଙ୍କ ଠାରୁ ୫୧୩ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଚାରିଗାଁ ପଞ୍ଚାୟତର ସରପଞ୍ଚ ଭାବେ ଭାରତୀ ମଲିକ ୧୦୭୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରଶ୍ମିତା ଥାଟୋଇଙ୍କ ଠାରୁ ୩୨୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ନିକିରାଇ ପଞ୍ଚାୟତର ସରପଞ୍ଚ ଭାବେ ଅପର୍ଣା ଉଡାନସିଂ ୨୮୩୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ହେମଲତା ମଲିକଙ୍କ ଠାରୁ ୧୬୨୧ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଡୋଲ ପଞ୍ଚାୟତର ସରପଞ୍ଚ ଭାବେ ପ୍ରଫୁଲ୍ଲ ମଲିକ ୧୦୯୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମନୋରଞ୍ଜନ ଜେନାଙ୍କ ଠାରୁ ୨୯୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୁତୁରଙ୍ଗ ପଞ୍ଚାୟତର ସରପଞ୍ଚ ଭାବେ ଚିତରଞ୍ଜନ ଜେନା ୬୮୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ନରୋତ୍ତମ ମଲିକଙ୍କ ଠାରୁ ୨୧୮ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୋରୋ ପଞ୍ଚାୟତର ସରପଞ୍ଚ ଭାବେ ଦୀପାଞ୍ଜଳୀ ଜେନା ୧୮୪୭ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ନନ୍ଦିନୀ ପ୍ରଭା ପାତ୍ରଙ୍କ ଠାରୁ ୪୩୯ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ସେହିପରି ଘାଘରା ପଞ୍ଚାତରେ ସମିତିସଭ୍ୟ ଭାବେ କୁଞ୍ଜ ବିହାରୀ ସ୍ୱାଇଁ ୮୭୧ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଶ୍ୱନାଥ ପରିଡାଙ୍କ ଠାରୁ ୧୪୯ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଚାରିଗାଁ ପଞ୍ଚାୟତର ସମିତିସଭ୍ୟ ଭାବେ ମମତା ରାଉତ ୭୦୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମଞ୍ଜୁଲତା ମଲିକଙ୍କ ଠାରୁ ୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ନିକିରାଇ ପଞ୍ଚାୟତର ସମିତିସଭ୍ୟ ଭାବେ ପ୍ରିୟମ୍ବଦା ଦାସ ୨୪୨୯ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଭକ୍ତରଞ୍ଜନ ଜେନାଙ୍କ ଠାରୁ ୧୦୪୯ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଡୋଲ ପଞ୍ଚାୟତର ସମିତିସଭ୍ୟ ଭାବେ ଅକ୍ଷୟ କୁମାର ସାହୁ ୧୦୩୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କାର୍ତ୍ତିକ ଚନ୍ଦ୍ର ପଣ୍ଡାଙ୍କଠାରୁ ୨୫୪ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୁତୁରଙ୍ଗ ପଞ୍ଚାୟତର ସମିତିସଭ୍ୟ ଭାବେ ମିନତୀ ଦାସ ୪୭୯ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଶଶୀରେଖା ଜେନାଙ୍କ ଠାରୁ ଏକଶହ ଖଣ୍ଡ ଭୋଟ ଅଧିକ ପାଇଛନ୍ତି। କୋରୋ ପଞ୍ଚାୟତର ସମିତିସଭ୍ୟ ଭାବେ ଜୀତେନ୍ଦ୍ର ରାଉତ୧୬୫୩ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଭୂତି ନାୟକଙ୍କ ଠାରୁ ୩୦୧ଖଣ୍ଡ ଭୋଟ ଅଧିକ ପାଇଛନ୍ତି। ଧୂମାତ ପଞ୍ଚାୟତର ସମିତିସଭ୍ୟ ଭାବେ ଦେବକୀ ମଲିକ ୧୨୦୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ

ଶସ୍ତା ହେଲାଣି ମଣିଷ ଜୀବନ : ପାରାଦୀପରେ ପୁର୍ନବାର ସଡକ ଦୂର୍ଘଟଣାରେ ଜଣକ ମୃତ୍ୟୁ

ପାରାଦୀପ,(ପି.ଏନ):ଟ୍ରାଫିକ ଅବ୍ୟବସ୍ଥା ଓ ନିୟନ୍ତ୍ରଣ ଅଭାବରୁ ପାରାଦୀପର ଅଠରବାଙ୍କୀ ଠାରୁ ଦୋଛକି ମଧ୍ୟରେ ବାରମ୍ବାର ସଡକ ଦୂର୍ଘଟଣା ଘଟି ବହୁ ମୂଲ୍ୟବାନ ଜୀବନ ହାନି ଘଟିଲାଣି । ସେହିପରି ସୋମବାର ଅପରାହ୍ନରେ ତାରିଣୀଗଡା ଓ ଇଫକୋ ଛକ ମଧ୍ୟରେ ଏକ ଦ୍ରୁତଗାମୀ ବାଲି ବୋଝେଇ ଟ୍ରକ୍ ଜଣେ ବାଇକ୍ ଆରୋହୀଙ୍କ ମୁଣ୍ଡ ଉପରେ ଚଢି ଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତି ଜଣକ ହେଲେ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଅଂଚଳର ସେକ୍ ଆବିଦ୍ ଅଲ୍ଲୀ (୪୦) । ମୃତ ଆବିଦ୍ ଅଲ୍ଲୀ ପାରାଦୀପ ବଡପଡିଆ ମାର୍କେଟରେ ଏକ ଲେଡିଜ୍ କର୍ଣ୍ଣର କରି ବ୍ୟବସାୟ କରୁଥିଲେ । ସୋମବାର ଦିନ ଅପରାହ୍ନରେ ସେ ନିଜ ଗାଁରୁ ପାରାଦୀପକୁ ନିଜ ବାଇକ୍ ଯୋଗେ ଫେରୁଥିବା ବେଳେ ତାରିଣୀଗଡା ଓ ଇଫକୋ ଛକ ମଧ୍ୟରେ ଥିବା ବିଜୟା ବ୍ୟାଙ୍କ ସମ୍ମୁଖରେ ଟ୍ରକ୍ ତାଙ୍କୁ ଧକ୍କା ଦେବାରୁ ସେ ତଳେ ପଡିଯିବା ସମୟରେ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା । ଏହି ଦୂର୍ଘଟଣା ଏତେ ଭୟାନକ ଥିଲା ଯେ ଆବିଦ୍ ଅଲ୍ଲୀଙ୍କ ମୁଣ୍ଡ ହେଲମେଟ୍ ଶରୀରରୁ ଅଲଗା ହୋଇ ପ୍ରାୟ ୧୦ ମିଟର ଦୂରକୁ ପଳାଇଯାଇଥିଲା । ପ୍ରକାଶଥାଉକି ନିକଟରେ ଟର୍ମିନାଲ ଛକ ନିକଟରେ ଏହି ପରି ଏକ ମର୍ମନ୍ତୁଦ ସଡକ ଦୂର୍ଘଟଣାରେ ବେଥାନୀ କନଭେଣ୍ଟ ସ୍କୁଲର ଜନୈକା ଶିକ୍ଷୟତ୍ରୀ ଓ ତାଙ୍କର ଶିଶୁ ପୁତ୍ରଙ୍କର ଦୁଖଦ ମୃତ୍ୟୁ ଘଟିଥିଲା । ତେବେ ନିୟମିତ ଏପରି ଦୂର୍ଘଟଣା ଯୋଗୁଁ ମଣିଷ ଜୀବନ ଶସ୍ତା ହେଲାଣି ବୋଲି ଲୋକେ କହୁଛନ୍ତି । ବିଶ୍ୱସ୍ତ ସୂତ୍ରରୁ ପ୍ରକାଶଯେ, କିଛି ଦିନ ତଳେ ସ୍ଥାନୀୟ ପ୍ରଶାସନିକସ୍ତରରେ ଏକ ଜରୁରୀ ବୈଠକରେ ଅଠରବାଙ୍କୀ ଠାରୁ ଦୋଛକି ପର୍ଯ୍ୟନ୍ତ ଜାତୀୟ ରାଜପଥ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ୍ ପାର୍କିଙ୍ଗ ହଟାଯିବା, ଉଭୟ ଟେକିଙ୍ଗ ନକରିବାରେ ଟ୍ରକ୍ ମାଲିକ ସଂଘର ସହାୟତା ବିଷୟରେ ଆଲୋଚନା କରାଯଇଥିଲା । ଯଦି ରାସ୍ତା ପାର୍ଶ୍ୱରୁ ବୋଆଇନ୍ ପାର୍କିଙ୍ଗ ନହଟେ, ତେବେ ପ୍ରଶାସନ ପକ୍ଷରୁ ଏଗୁଡିକୁ ଟୋଚନ କରାଯାଇ ଏହି ଟ୍ରକ୍ ଗୁଡିକୁ ଜବତ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ ସର୍ତକ କରାଯାଇଥିବା ଜଣାପଡିଛି ।

ପାରାଦୀପ ଖବର କାଗଜ ବିତରକ ସଂଘର ଅଷ୍ଟମ ବାର୍ଷିକ ଉତ୍ସବ

ପାରାଦୀପ,(ପି.ଏନ): ପାରାଦୀପ ଖବର କାଗଜ ବିତରକ ସଂଘର ବାର୍ଷିକ ଉତ୍ସବ ରବିବାର ଅପରାହ୍ନରେ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପର ମଧୁବନସ୍ଥିତ ଆମ୍ବେଦକର ଭବନ ପରିସରରେ ଏକ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ପାରାଦୀପର ନଗରପାଳ ବସନ୍ତ ବିଶ୍ୱାଳ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ରତ୍ନାକର ଜେନା ଯୋଗ ଦେଇଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଉଦଘାଟନ କରିଥିଲେ । ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ମିଶ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ । ସଂଘର ସାଧାରଣ ସମ୍ପାଦକ ବାଳକୃଷ୍ଣ ସୂତାର ସ୍ୱାଗତ ଅଭିଭଷଣ ପ୍ରଦାନ କରିଥିଲେ । ଖବର କାଗଜ ବିତରଣରେ ନିଜକୁ ବ୍ରତୀ କରିଥିବା ଏହି ଖବର କାଗଜ ବିକ୍ରେତାମାନଙ୍କୁ ରଜ୍ୟ ସରକାର ସ୍ୱୀକୃତି ଦେଇଥିବାରୁ ଅତିଥି ଓ ସଂଘର ସଦସ୍ୟମାନେ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ । ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ, ଜଗନ୍ନାଥ ଶତପଥି, ବିଶ୍ୱନାଥ ବଳ, ରବିନ୍ଦ୍ର କୁମାର ଜେନା ପ୍ରମୁଖ ସାମ୍ବାଦିକମାନେ ଯୋଗ ଦେଇ ଖବର କାଗଜ ବିକ୍ରେତାମାନଙ୍କୁ ଉତ୍ସାହିତ କରିଥିଲେ । ସଂଘର ସଭାପତି ନିମାଇଁ ଚରଣ ମହାପାତ୍ର,ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ଜେନା,ଅଜୟ କୁମାର ସାହୁ ପ୍ରମୁଖ ସଦସ୍ୟମାନେ ସଂଘର ଏହି ବାର୍ଷିକ ଉତ୍ସବ ସମାରୋହକୁ ପରିଚାଳନା କରିଥିଲେ ।

ଗୋଟିଏ ମାସରେ ୨୭ ଗାଡି ଜବତ, ୪ଲକ୍ଷ ୫୦ ହଜାର ଜରିମାନା ଆଦାୟ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ତହସିଲ ଅଧିନ ବିଭିନ୍ନ ବାଲି ସୈରାତ ଅଂଚଳରୁ ବେଆଇନ୍ ବାଲି ଚାଲାଣ ବୃଦ୍ଧି ପାଇବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖାଯାଇ ତହସିଲ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଜରିଆରେ ଦିନରାତି ଚଢଉ ଜାରି ରହିବା ସହିତ ଜରିମାନା ମଧ୍ୟ ଆଦାୟ ହେଉଛି । ଚଳିତ ଏପ୍ରିଲ ମାସରେ ତହସିଲ ଅଧିନ ପଦ୍ମପୁର, ଆନନ୍ଦପୁର, ଜଳସୁଆଁ, କଠୋ, ବେଲବାହାଳି ପ୍ରଭୃତି ଅଂଚଳ ସହିତ ଫକୀରପୁର ଅଂଚଳରୁ ୨୭ଟି ଗାଡି ଜବତ କରାଯିବା ସହିତ ୪ ଲକ୍ଷ ୫୦ ହଜାର ୯୨୩ଟଙ୍କା ଜରିମାନା ଆଦାୟ କରାଯାଇଛି । ଚଢଉ ସମୟରେ ମାଟି ଠାରୁ ଆରମ୍ଭ କରି ବାଲି ଚୋରା ଚାଲାଣରେ ନିୟୋଜିତ ଗାଡିଗୁଡିକୁ ଜବତ କରାଯାଇଥିବା ତହସିଲଦାର ତପନ କୁମାର ନାୟକ ସୂଚନା ଦେଇଛନ୍ତି । ତେବେ ନିଲାମ ଶେଷ ହୋଇଥିବା ବାଲି ସୈରାତ ଗୁଡିକୁ ପ୍ରଦୂଷଣ ମୁକ୍ତ ପ୍ରମାଣପତ୍ର ମିଳିପାରି ନଥିବାରୁ ଏଗୁଡିକ କାର୍ଯ୍ୟକ୍ଷମ ହୋଇପାରୁନି । ଫଳରେ ଚୋରା ବାଲି ଚାଲାଣ ସଂଖ୍ୟା ବୃଦ୍ଧି ପାଉଥିବା ନଜରକୁ ଆସୁଛି ।

କେନ୍ଦୁଝର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

କେନ୍ଦୁଝର,(ପି.ଏନ): ଚଳିତ ମଇ ୦୨ ତାରିଖ ସୋମବାର ଦିନ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଏସ୍.ପି. ମିତ୍ରଭାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ମୋଟ୍ ୭୮ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୬୭ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ସମୁଦାୟ ଅଭିଯୋଗ ମଧ୍ୟରୁ ୦୫ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୭୩ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଡି.ଏଫ୍.ଓ. ଧନରାଜ୍ ଏଚ୍.ଡି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ସୁଷମା ବିଲୁଙ୍ଗ୍, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଯଦୁମଣି ମହଲା, ଡେପୁଟି କଲେକ୍ଟର ସୁରିକା ବେହେରା ଓ ଶିବବ୍ରତ ତ୍ରୀପାଠି ଏବଂ ଆସିଷ୍ଟାଂଟ୍ କଲେକ୍ଟର ସୁଚୀସ୍ମିତା ଦାଶଙ୍କ ସମେତ ଜିଲ୍ଲାସ୍ତରୀୟ ଏବଂ ବ୍ଲକ୍‌ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

ଆନ୍ତର୍ଜାତିକ ଶ୍ରମିକ ଦିବସ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ରାଜ୍ୟ ଆଇନସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟିର ତତ୍ତ୍ୱାବଧାନରେ ଅଇନ ସଚେତନତା ଶିବିର ଓ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇ ଯାଇଛି । ଏହି ଶିବିରରେ ଖୋର୍ଦ୍ଧା ଅଦାଲତର ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା କମିଟିର ଚେୟାରମ୍ୟାନ ସମର ବିଳାସ ବେହେରା ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦଘାଟନ କରିଥିଲେ ।ଏଥିରେ ତାଲୁକ ଆଇନ ସେବା କମିଟିର ସମ୍ପାଦକ ବସନ୍ତ ଶତପଥି ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ବାର ଆସୋସିଏସନର ସଭାପତି ବିଜୟ କୁମାର ସାମନ୍ତସିଂହାର,ସମ୍ପାଦକ ପ୍ରଦୀପ ମିଶ୍ର,ଆଇନଜୀବୀ ଶିଶିର କୁମାର ପରିଡା,ବିକ୍ରମ ଚମ୍ପତି,ବିଶ୍ୱକେଶ ମହାପାତ୍ର,ରିଟର୍ନର ଉକିଲ ନବୀନ ମହାପାତ୍ର,ଖୋର୍ଦ୍ଧା ଶ୍ରମିକ ବିଭାଗର ଶ୍ରମ ଅଧିକାରୀ ପ୍ରଜ୍ଞା ପାରମିତା ସାହୁ,ଓ ମୋନାଲିସା ଜେନା ଖୋର୍ଦ୍ଧା ଜିଲ୍ଲା ସମାଜ ନିର୍ମାଣ ଶ୍ରମିକ ସଂଘର ସମ୍ପାଦିକା ମିନତୀ ଭଟ୍ଟ ଓ ଉପଦେଷ୍ଟା ଜୟକୃଷ୍ଣ ମହାପାତଙ୍କ ସମେତ ସମାଜ ନିର୍ମାଣ ସଂଘର ଶ୍ରମିକ ମାନେ ଯୋଗ ଦେଇ ବିଭିନ୍ନ ସମସ୍ୟା ଉପରେ ଉପସ୍ଥାପନ କରିବା ସହ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଅତିଥିମାନେ ଅବଗତ କରାଇଥିଲେ ।

ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)- କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

ଯୁବକକୁ ମାରଣନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ତହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୃର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

ଭଗବାନ ଦ୍ୱିବେଦୀଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକସଭା ପାଳିତ

ବାରିପଦା,(ପିଏନ)- ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀଙ୍କ ପିତା ଭଗବାନ ଦ୍ୱିବେଦୀଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି ଡ଼ା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା, ଉପସଭାପତି ଦୋଳଗୋବିନ୍ଦ ଦାଶ, କୋଷାଧ୍ୟକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ନରୋତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆମେ ସମସ୍ତେ ଜଣେ ଉତମ ଯାଜ୍ଞିକ ବ୍ରାହ୍ମଣଙ୍କୁ ହରାଇ ଦେଇଛୁ । କର୍ମକାଣ୍ଡ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ସହ ଦକ୍ଷତା ରହିଥିଲା । ମୟୂରଭଞ୍ଜ ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ପ୍ରାୟ ୫ଶହରୁ ଅଧିକ ଯୋଜମାନ ରହିଥିଲେ । ସରଳ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଆଧାରୀ ହୋଇଥିବା କାରଣରୁ ସମସ୍ତଙ୍କ ନିକଟରେ ପ୍ରିୟାପାତ୍ର ଓ ଆସ୍ଥା ଭାଜନ ହୋଇପାରିଥିଲେ । ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ଏକ ଉତମ କର୍ମକାଣ୍ଡବିତ୍‌ଙ୍କୁ ସବୁଦିନ ନିମନ୍ତେ ହରାଇ ବସିଛି ବୋଲି ବକ୍ତାମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାସଭାର ବରିଷ୍ଠ ସଭ୍ୟ ଆଶୁତୋଷ ଆଚାର୍ଯ୍ୟ, ବ୍ରଜକିଶୋର ଦାଶ, ଗୋପୀନାଥ ପଣ୍ଡା, ସିଦ୍ଧେଶ୍ୱର ଶତପଥୀ, କାମେଶ୍ୱର ତ୍ରିପାଠୀ, ସଭ୍ୟା ଭଗବତୀ ଦାଶ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭଗବାନଙ୍କ ନିକଟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)- ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।

ଧର୍ମଶାଳା ରଜ କ୍ୱିନ୍ ପାଇଁ ଗାର୍ଲସ ୱିଙ୍ଗ୍‌ର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,(ପି.ଏନ): ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗ୍‌ର ସଭାନେତ୍ରୀ କ୍ଷିରାଦୀ ତନୟା ମଲ୍ଲିକ୍‌ଙ୍କ ନେତୃତ୍ୱରେ କଚ୍ଛତରୁ ଦାସ ନ୍ୟାସନାଲ ଫାଉଣ୍ଡେସନ ତରଫରୁ ରଜ କୁଇନର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରୁ ୧୭୬୭ ପ୍ରତିଭା ମାନଙ୍କର ଆସିଥିବା ଆବେଦନ ପତ୍ରକୁ ଜୋନ ସ୍ତରୀୟ ପ୍ରଥମ ରାଉଣ୍ଡ ଅଡିସନ୍ ସକାଳ ୦୮ ସମୟରୁ ଆରମ୍ଭ ହେବ । ପ୍ରଥମେ ତା.୦୮.୦୫.୨୦୨୨ ରିଖରେ ଜୋନ ନଂ-୧୫ ର କୋତପୁର କଲ୍ୟାଣ ମଣ୍ଡପ, ତା.୧୦.୦୫.୨୦୨୨ ରିଖରେ ଜୋନ ନଂ-୧୨ ର ସାହାଣୀଡିହ ଗ୍ରାମ ପଞ୍ଚାୟତର କଠଉଣୀ ମଠ, ତା.୧୨.୦୫.୨୦୨୨ ରିଖରେ ଜୋନ ନଂ- ୩୪ ର ନଠୁଆବର କଲ୍ୟାଣ ମଣ୍ଡପ, ତା.୧୩.୦୫.୨୦୨୨ ରିଖରେ ଜୋନ ନଂ-୧୧ ର ମର୍ଜିତାପୁର କଲ୍ୟାଣ ମଣ୍ଡପ, ତା.୧୪.୦୫.୨୦୨୨ ରିଖରେ ଜୋନ ନଂ-୧୪ ର ବଡକାଏମା କଲ୍ୟାଣ ମଣ୍ଡପ ଏବଂ ତା.୧୫.୦୫.୨୦୨୨ ରିଖରେ ଜୋନ ନଂ- ୧୩ ର ହରିଦାସପୁର କଲ୍ୟାଣ ମଣ୍ଡପ ଠାରେ ପ୍ରଥମ ରାଉଣ୍ଡ ଅଡିସନ୍ ହେବ ବୋଲି ଉକ୍ତ ବୈଠକରେ ସ୍ଥିର କରାଯାଇଛି । ଏହି ବୈଠକରେ ଗାର୍ଲସ ୱିଙ୍ଗ୍‌ର କର୍ମକର୍ତ୍ତା ସାଜନା ଖାତୁନ, ସୁଜାତା ଦାଶ, ବର୍ଷା ପ୍ରଧାନ, ପ୍ରଶମିତା ମହାରଣା, ଶୁଭଲକ୍ଷ୍ମୀ ବେହେରା ସହଯୋଗ କରିଥିଲେ ଏବଂ ସମସ୍ତ ପଞ୍ଚାୟତର ସଭାନେତ୍ରୀ, ବ୍ଲକ୍ କର୍ମକର୍ତ୍ତା, ଡିଜିଟାଲ ସେକ୍ରେଟାରୀ ଉପସ୍ଥିତ ଥିଲେ ।

ବେଆଇନ କଳାପଥର ପରିବହନ କରୁଥିବା ଟ୍ରାକ୍ଟର ମାଲିକ ଗିରଫ

ଧର୍ମଶାଳା,୨।୫(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ବାଘୁଆ ଛକରୁ ବେଆଇନ ଭାବେ ପରବହନ କରୁଥିବା କଳାପଥର ବୋ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Tuesday May 03, 2022 | ଭୁବନେଶ୍ୱର ମଙ୍ଗଳବାର, ମଇ ୦୩,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮

ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଶ୍ରମ ଦିବସ ପାଳିତ

କେନ୍ଦୁଝର,(ପି.ଏନ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଆନୁକୂଲ୍ୟରେ ତା ୧/୫/୨୦୨୨ ରିଖ ରବିବାର ଦିନ ଆନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜିଲ୍ଲା କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ ଉଦ୍‌ବୋଧନ ଦେଇ ଦେଶର ବିକାଶରେ ଶ୍ରମଦାତାମାନଙ୍କର ତୁଳନା ନାହିଁ ବୋଲି କହିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ କଲ୍ୟାଣକାରୀ ଯୋଜନା ଯଥା- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଏବଂ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନା କିଭଳି ସୁଦୂରପ୍ରସାରୀ ହୋଇପାରିବ ସେ ଦିଗରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ନାଏକ ଗୁରୁତ୍ୱଆରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ବକ୍ତବ୍ୟ ପ୍ରଦାନ କରି ଶିଶୁମାନଙ୍କୁ ଯେପରି ଶ୍ରମିକ ଭାବେ ନିୟୋଜିତ କରାନଯିବ ଏବଂ ସେମାନଙ୍କ ପାଇଁ ଶିକ୍ଷା,ସ୍ୱାସ୍ଥ୍ୟ ତଥା ଆନୁସଙ୍ଗିକ ବ୍ୟବସ୍ଥା କରାଯାଇ ସେମାନଙ୍କର ବିକାଶ କରାଯିବ ଏବଂ ଉତ୍ତମ ନାଗରିକ ଭାବେ ଗଢି ତୋଳିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସାଗରିକା ସାହୁ ଯୋଗଦେଇ ଆନ୍ତର୍ଜାତୀୟ ଶ୍ରମ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଉକ୍ତ ସମାରୋହରେ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀ ଏହି ସମାରୋହରେ ସୂଚନା ପ୍ରଦାନ କରି ଶ୍ରମ ବିଭାଗ ଦ୍ୱାରା ଶ୍ରମିକମାନଙ୍କ ପାଇଁ ପ୍ରବର୍ତ୍ତନ କରାଯାଇଥିବା ବିଭିନ୍ନ କଲ୍ୟାଣକାରୀ ଯୋଜନାର ରୂପରେଖ ଅବଗତ କରାଇଥିଲେ । ଏତଦ୍‌ବ୍ୟତୀତ ଶ୍ରମିକମାନେ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ଓ ପ୍ରାପ୍ୟରୁ ବଞ୍ଚିତ ହେଲେ କିମ୍ବା ଆଶଙ୍କା କଲେ ତୁରନ୍ତ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଅଥବା ନିକଟସ୍ଥ ଶ୍ରମ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅବଗତ କରାଇଥିଲେ । ଆନ୍ତର୍ଜାତୀୟ ଶ୍ରମ ଦିବସ ଅବସରରେ ନିର୍ମାଣ ଶ୍ରମିକ ଓ ଅସଂଗଠିତ ଶ୍ରମିକମାନଙ୍କ ପିକରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିଲା ଏବଂ ୨୬୩ ଜଣଙ୍କୁ ନିର୍ମାଣ ଶ୍ରମିକ ଭାବରେ ଓ ୨୧୨ ଜଣଙ୍କୁ ଅସଂଗଠିତ ଶ୍ରମିକ ଭାବରେ ପିକୃତ କରାଯାଇଥିଲା । ଏହି ଅବସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୨୬୮ ଜଣ ହିତାଧିକାରୀଙ୍କୁ ଶିକ୍ଷା ସହାୟତା,୭୨ ଜଣ ହିତାଧିକାରୀଙ୍କୁ ବିବାହ ସହାୟତା,୩୪ ଜଣଙ୍କୁ ପ୍ରସୂତୀକାଳୀନ ସହାୟତା,୧୦ ଜଣଙ୍କୁ ମୃତ୍ୟୁକାଳୀନ ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ପ୍ରଦାନ କରାଯାଇଥିଲା ।

ମା' ଓ ଶିଶୁ ୱାର୍ଡରେ ବିଦ୍ୟୁତ୍ ବିଭ୍ରାଟ୍

ଆନନ୍ଦପୁର,(ପି.ଏନ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ମା' ଓ ଶିଶୁ ୱାର୍ଡରେ ଦୀର୍ଘ ୩ ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିବାରୁ ରୋଗୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଗତକାଲି ଅପରାହ୍ନ ୩ଟା ବେଳେ ଝଡତୋଫାନ ଯୋଗୁଁ ବିଦ୍ୟୁତ୍ କାଟ ହୋଇଥିଲା । ଦାୟୀତ୍ୱରେ ଥିବା କର୍ମଚାରୀମାନେ ଡିଜି ଚଲାଇ ନଥିଲେ । ଫଳରେ ରୋଗୀ ଓ ସମ୍ପର୍କୀୟମାନେ ୱାର୍ଡରେ ଗରମରେ ହନ୍ତସନ୍ତ ହୋଇଥିଲେ । ଏପରିକି ଗର୍ଭବତୀ ଓ ନବଜାତ ଶିଶୁମାନେ ବାରଣ୍ଡାରେ ଓ ବାହାରେ ବସିଥିଲେ । ଡିଜି ନଚାଲିବାରୁ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ତେଲ ନାହିଁ, ଡିଜି ଚାଲିବ ନାହିଁ ବୋଲି ଦାୟୀତ୍ୱରେ ଥିବା କର୍ମଚାରୀ କହିଥିବା ରୋଗୀଙ୍କ ସମ୍ପର୍କୀୟ ବେଲବାହାଳି ଗ୍ରାମର ସାବିତ୍ରୀ ସାହୁ ଓ ପନ୍ଦାଡୋ ଗ୍ରାମର ଜିତେନ୍ଦ୍ର ନାଏକ କହିଛନ୍ତି । ଏ ନେଇ ହସ୍ପିଟାଲ ମ୍ୟାନେଜର ଅବିନାଶ ଧଳଙ୍କୁ ପଚାରିବାରୁ ବଜ୍ରପାତ ଯୋଗୁଁ ଡିଜିର ଯନ୍ତ୍ରାଂଶ ପୋଡି ଯାଇଥିଲା । ଏହାକୁ ମରାମତି କରାଯିବା ପରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି ବୋଲି ପ୍ରକାଶ କରିଥିଲେ ।

ବୃହତ ବନ୍ଦର ଦୌଡକୁଦ ପ୍ରତିଯୋଗିତାରେ ପାରାଦୀପ ବନ୍ଦର ଦ୍ୱିତୀୟ ସ୍ଥାନ

ପାରାଦୀପ,(ପି.ଏନ): ଗତ ଏପ୍ରିଲ ୨୯ ତାରିଖରୁ ମେ ମାସ ୧ ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣାର ଡାଇମଣ୍ଡ ଜୁବୁଲି ଆଉଟଡୋର ଷ୍ଟାଡିୟମରେ ଅନୁଷ୍ଠିତ ବୃହତ ବନ୍ଦର ଦୌଡକୁଦ ପ୍ରତିଯୋଗିତାରେ ବିଶାଖାପାଟଣା, ମୁମ୍ବାଇ, ଜେଏନପିଟି, କାଣ୍ଡଲା, କୋଚିନ, ପାରାଦୀପ ଓ ଚେନ୍ନାଇ ମୋଟ ସାତଟି ବନ୍ଦର ଭାଗ ନେଇଥିଲେ । ଦେଶର ବିଭିନ୍ନ ପ୍ରନ୍ତରୁ ଆସିଥିବା ୭ଟି ବନ୍ଦରର ପ୍ରତିଯୋଗି ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ରୋଚକ ପ୍ରତିଯୋଗିତାରେ ବିଶାଖାପାଟଣା ବନ୍ଦର ପ୍ରଥମ ସ୍ଥାନ ଓ ପାରାଦୀପ ବନ୍ଦର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ପାରାଦୀପ ବନ୍ଦରର ଏହି ୨୨ଜଣିଆ ଦଳର ମ୍ୟାନେଜର ନିରନ ମଲ୍ଲିକ, ଅଜିତ୍ କୁମାର ଦାସ, କୋଚ ସୟ କୁମାର ଦାସଙ୍କ ନେତୃତ୍ୱରେ ୫୦ ବର୍ଷରୁ ଉର୍ଦ୍ଧ୍ୱ ଖେଳାଳି ବର୍ଗରେ ପାରାଦୀପ ବନ୍ଦରର ବରିଷ୍ଠ ଖେଳାଳି ଧୁନ ଚନ୍ଦ୍ର ତରାଇ ବିଷ୍ମୟକର ୫ଟି ସ୍ୱର୍ଣ୍ଣ ପଦକ ହାସଲ କରି ବ୍ୟକ୍ତିଗତ ଚମ୍ପିୟନ ଆଖ୍ୟା ଅର୍ଜନ କରି ପାରାଦୀପ ବନ୍ଦର ପାଇଁ ଗୌରବ ଆଣିଥିଲେ । ସେହିପରି ୪୫ ବର୍ଷରୁ ଉର୍ଦ୍ଧ୍ୱ ମହିଳା ବର୍ଗରେ ପାରାଦୀପ ବନ୍ଦରର ଜ୍ୟୋତ୍ସ୍ନା ପ୍ରେମ ଲାକ୍ରା ୫ଟି ସ୍ୱର୍ଣ୍ଣ ଓ ୨ଟି ରୋପ୍ୟ ପଦକ ପାଇ ବ୍ୟକ୍ତିଗତ ଭାବେ ଚମ୍ପିୟନ ହୋଇଥିବା ବେଳେ ଦଳଗତ ଭାବେ ପାରାଦୀପ ବନ୍ଦର ରନର୍ସଅପ ହୋଇଛି । ତେବେ ଏହି ସଫଳତା ପାଇଁ ବନ୍ଦର ଅଧକ୍ଷ ପି.ଏଲ. ହରନାଦ କୃତି ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ପାରାଦୀପରେ ନିରାଡମ୍ବର ଭାବେ ଶ୍ରମିକ ଦିବସ ପାଳିତ

ପାରାଦୀପ,(ପି.ଏନ): ପ୍ରତିବର୍ଷ ମେ ୧ ତାରିଖରେ ପାଳିତ ହୋଇଥାଏ ଶ୍ରମିକ ଦିବସ । ଏହି ପରିପ୍ରେକ୍ଷୀରେ ବନ୍ଦର ଓ ଶିଳ୍ପ ସହର ପାରାଦୀପରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ମାହାଆଡମ୍ବର ସହକାରେ ପାଳିତ ହୋଇଥାଏ ଏହି ଶ୍ରମିକ ଦିବସ । ତେବେ ଦୁଇ ବର୍ଷ ହେବ କରୋନା ମହାମାରୀ ପ୍ରଭାବରେ ଚାଲିଥିବା ଆର୍ଥିକ ମାନ୍ଦାବସ୍ଥା, ବେକାରୀ ଓ ବେରୋଜଗାରୀ ବୃଦ୍ଧି ଜନିତ ସମସ୍ୟା ଯୋଗୁଁ ଚଳିତ ବର୍ଷ ଶ୍ରମିକ ଦିବସ ନିରାଡମ୍ବର ଭାବେ ପାଳିତ ହୋଇଥିବାର ଜଣାପଡିଛି । ଏସବୁ ବିଭିନ୍ନ କାରଣରୁ ପାରାଦୀପର କିଛି ଶ୍ରମିକ ସଂଗଠନ ଶ୍ରମିକ ଦିବସ ପାଳନକୁ ସ୍ଥଗିତ ରଖିଥିବା ବେଳେ ଅନ୍ୟ କିଛି ସଂଗଠନ ପରମ୍ପରା ରକ୍ଷା ନିମିତ ସାଧାରଣ ଭାବେ ଏହାକୁ ପାଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ପାରାଦୀପ ବନ୍ଦରର ସର୍ବ-ପୁରାତନ ଶ୍ରମିକ ସଙ୍ଘ କାରାପୀ ପୋର୍ଟ ୱାର୍କର୍ସ ୟୁନିୟନ ଏବଂ ପାରାଦୀପ ଡକ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନର ସଭାପତି ରାଜେନ୍ଦ୍ର ପ୍ରସାଦ ସିଂହ ଆନ୍ତର୍ଯ୍ୟାତିକ ଶ୍ରମିକ ଦିବସ ଉପଲକ୍ଷେ ବଡପଡିଆସ୍ଥିତ ୟୁନିୟନ କାର୍ଯ୍ୟାଳୟ ପରିସରରେ ପତାକା ଉତୋଳନ କରିଥିଲେ । ଏହି ଅବସରରେ ଆୟୋଜିତ ଏକ ସଭାରେ ୟୁନିୟନର ସଭାପତି ଶ୍ରୀ ସିଂହଙ୍କ ସମେତ ବରିଷ୍ଠ ଆଇନଜୀବୀ ଅମୃତ ଦାସ, କାର୍ଯ୍ୟକାରୀ ସଭାପତି ଅନନ୍ତ ଦାସ, ଉପସଭାପତି ଗୁଣନିଧି ଚୌଧୁରୀ, ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥି, ସହ ସମ୍ପାଦକ ଗୁରୁପ୍ରସାଦ ମିଶ୍ର ଏବଂ କୋଷାଧକ୍ଷ ବ୍ରିଜେଶ କୁମାର ଲେଙ୍କା ପ୍ରମୁଖ ଯୋଗଦେଇ ଶ୍ରମିକ ଦିବସର ତାତ୍ପର୍ଯ୍ୟ, ଶ୍ରମିକ ସମସ୍ୟା ଉପରେ ଆଲୋଚନା କରି ସେମାନଙ୍କର ଅଧିକାର ସାବ୍ୟସ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକଙ୍କ ପୌରହିତ୍ୟରେ ଜିରୋ ପଏଣ୍ଟ ସଂଘ କାର୍ଯ୍ୟାଳୟରେ ଶ୍ରମିକ ଦିବସ ପାଳିତ ହୋଇଥିବା ବେଳେ ପାରାଦୀପ ପୋର୍ଟ ଶ୍ରମିକ ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସଂଘର କାର୍ଯ୍ୟକାରୀ ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଶ୍ରମିକ ନେତା ରମଣୀ ରଂଜନ ରାଉତରାୟ, ସାଧାରଣ ସମ୍ପାଦକ ନନ୍ଦଲାଲ ସିଂ ଓ ଦିପ୍ତି ରଂଜନ ଦାସ ଯୋଗ ଦେଇଥିଲେ ।

ଗହୀରମଥା କଇଁଛ ସୁରକ୍ଷା ସମିତିର ବାର୍ଷିକ ଉତ୍ସବ: ଦ୍ରୁତ ତଟକ୍ଷୟ ସାମୁଦ୍ରିକ ଜୀବ ପାଇଁ ଅଭିଶାପ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ରାଜନଗର ବ୍ଲକ ଅନ୍ତର୍ଗତ ଜଗତଜୋର ଓସତମା ହଲରେ ଗହୀରମଥା କଇଁଛ ସୁରକ୍ଷା ସମିତିର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ସତ୍ୟପ୍ରକାଶ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ସହିତ ଅତିଥିମାନେ ସାମୁଦ୍ରିକ ତଟକ୍ଷୟର ନିରାକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଦ୍ରୁତ ତଟକ୍ଷୟ ସାମୁଦ୍ରିକ ଜୀବ ଓ ତାଟାଂଚଳବାସୀଙ୍କ ପାଇଁ ଅଭିଶାପ ବୋଲି ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ଉତ୍ସବକୁ ପୂର୍ବତଟ ରେଳ ବିଭାଗର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ତଥା କବି ନିରାକାର ଦାସ ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ସାମ୍ବାଦିକ ଜଗନ୍ନାଥ ଧଳ, ସମ୍ମାନୀତ ଅତିଥି ଭାବେ ବୁଦ୍ଧିଜୀବୀ ଅରୁଣ କୁମାର କାନୁନଗୋ ଓ କବୟିତ୍ରୀ ଅବନ୍ତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ପ୍ରକାଶ କରିଥିଲେ ଯେ, ବିରଳ ଅଲିଭ ରିଡଲେ କଇଁଛଙ୍କ ପ୍ରଜନନ ସ୍ଥଳ ଗହୀରମଥା ଏବେ ବିଶ୍ୱ ପର୍ଯ୍ୟଟକଙ୍କ ସହିତ ପରିବେଶବିତଙ୍କ ଆକର୍ଷଣ ସ୍ଥଳ ପାଲଟିଛି । ଏହି କଇଁଛଙ୍କ ଆଗମନ ଓ ପ୍ରସ୍ଥାନକୁ ନେଇ ଏବେ ଜୀବ ବିଜ୍ଞାନୀ ଅନ୍ଧାରରେ ଅଛନ୍ତି । ଏହି ସଂରକ୍ଷିତ ଜୀବଙ୍କ ପାଇଁ ଗହୀରମଥାର ଦ୍ରୁତ ତଟକ୍ଷୟ ବାଧକ ସାଜିଛି । ପ୍ରଜନନ ସ୍ଥଳ ସଂକୁଚିତ ହୋଇଥିବା ବେଳେ ଧୀବରଙ୍କ ଜାଲ ମୃତ୍ୟୁର କାରଣ ହେଉଛି । ଦ୍ରୁତ ତଟକ୍ଷୟ ରୋକିବା ପାଇଁ ହେନ୍ତାଳବଣର ଆବଶ୍ୟକତା ଜରୁରୀ ହୋଇପଡିଛି । ହେନ୍ତାଳବଣ ତଟାଂଚଳବାସୀଙ୍କ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଚୀର ସଦୃଶ ହୋଇଛି । ଏହାର ଧ୍ୱଂସ କାରଣରୁ ପୂର୍ବରୁ କୋଣାର୍କ ନିକଟର ହରଚଣ୍ଡି ମନ୍ଦିରରେ ସାମୁହିକ ଭାବେ ଅଲିଭ ରିଡଲେଙ୍କ ଆଗମନ ଗତ ୨୦୧୨ ମସିହାରୁ ବନ୍ଦ ହୋଇଯାଇଛି । କଇଁଛଙ୍କୁ ସୁରକ୍ଷା ଦେବା ସହିତ ହେନ୍ତାଳବଣ ସୃଷ୍ଟି କରି ତଟାଂଚଳ କ୍ଷୟକୁ ରୋକିବାକୁ ପଡିବ । ଏହି ସମସ୍ୟାର ସମାଧାନ ନହେଲେ ତଟାଂଚଳ ସାତଭାୟାର ବହୁ ଗ୍ରାମ ସମୁଦ୍ର ଗର୍ଭରେ ଲୀନ ହେବା ପରି ଆଗାମୀ ୫ରୁ ୧୦ ବର୍ଷ ମଧ୍ୟରେ ସ୍ଥାନୀୟ ଲୋକ ବିସ୍ଥାପିତ ହେବେ । ଏଥିସହିତ ଗହୀରମଥା ସମୁଦ୍ରାଂଚଳକୁ ସଫା ରଖିବା, ଡ୍ରୋନ ଦ୍ୱାରା ତଟକ୍ଷୟ ଓ କଇଁଛ, ଡଲଫିନ ଆଦିଙ୍କୁ ସର୍ଭେଲାନ୍ସରେ ରଖିବା, ସାମୁଦ୍ରିକ ଜୀବ ବିଜ୍ଞାନ କେନ୍ଦ୍ର ଓ ପାଠଶାଳା କେନ୍ଦ୍ର ସ୍ଥାପନ କରିବା ଭଳି ପ୍ରସ୍ତାବକୁ ଉତ୍‌ଥାପନ କରିଥିଲେ । ସମ୍ପାଦକ ହେମନ୍ତ କୁମାର ରାଉତ ସମିତିର ବାର୍ଷିକ ବିବରଣୀ ଉପସ୍ଥାପନ ସହ ସଂଗଠନକୁ ମଜଭୁତ କରିବା ପାଇଁ ସ୍ଥାନୀୟ ଲୋକଙ୍କ ସହଯୋଗ କାମନା କରିଥିଲେ । ଏହି ଅବସରରେ ଶିକ୍ଷାବିତ ବିଦ୍ୟୁତ କୁମାର ଖୁଂଟିଆ, ବାଣୀଭୂଷଣ ନାୟକ, ଚାରୁଲତା ଭୂୟାଁ, ମନୋଜ କୁମାର ସୂତାର, ମନୋଜ କୁମାର ପାତ୍ରଙ୍କ ସହିତ ସ୍ଥାନୀୟ ଅଂଚଳର ୧୭ ଜଣ ବୁଦ୍ଧିଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାକୁ ସମିତିର କାର୍ଯ୍ୟକର୍ତା ଅଶୋକ କୁମାର ସ୍ୱାଇଁ, କଣ୍ଟତରୁ ସାମଲ, ପ୍ରଭୁପ୍ରସାଦ ମହାପାତ୍ର, ସତ୍ୟବ୍ରତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ଓ ଭାଗବତ ପାରାୟଣ

କେନ୍ଦୁଝର,(ପି.ଏନ):ଗାୟତ୍ରୀ ମନ୍ଦିର ଠାରେ ଥିବା ଭାଗବତ ଟୁଙ୍ଗୀ ପ୍ରଚାର ପରିଷଦ, କେନ୍ଦୁଝର ଜିଲ୍ଲାର ନୂତନ କର୍ମକର୍ତ୍ତା ଚନୟ କରାଯାଇଥିଲା । ଏଥିରେ ଉପଦେଷ୍ଟା ଭାବେ ପ୍ରାଣବଲ୍ଲଭ ନାୟକ ଏବଂ ଡଃ ପ୍ରଫୁଲ ମିଶ୍ର, ଅଧକ୍ଷ ତଥା କୋଷାଧକ୍ଷ ଭାବେ ଇଂ ପ୍ରତାପ ଚନ୍ଦ୍ର ବାରିକ, ସଭାପତି ଭାବେ ଶ୍ରୀ ମନୋଜ କୁମାର ଦାଶ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଏବଂ ପଦ୍ମାମ୍ବୁଜ ସାହୁ, ସାଧାରଣ ସମ୍ପାଦକ ପଣ୍ଡିତ ମଧୁସୂଦନ ମିଶ୍ର, ପ୍ରଦୀପ କୁମାର ରଣା ଓ ନେତ୍ରାନନ୍ଦ ମହାରଣାଙ୍କୁ ଯୁଗ୍ମ ସମ୍ପାଦକ ଓ ସନ୍ୟାସିନୀ ରୁକ୍ମଣୀ ମହାନ୍ତଙ୍କୁ ସାଂସ୍କୃତିକ ସମ୍ପାଦିକା ରୂପେ ମନୋନୀତ କରାଯାଇଥିଲା । କେନ୍ଦୁଝର ଜିଲ୍ଲାରେ ପ୍ରତିଟି ଗ୍ରାମରେ ଭାଗବତ ଟୁଙ୍ଗୀ ସ୍ଥାପନ, ପୁନଃଉଦ୍ଧାର କ୍ଷେତ୍ରରେ ସମସ୍ତ କର୍ମକର୍ତ୍ତାମାନେ ନିଃସ୍ୱାର୍ଥପର ଭାବେ କାର୍ଯ୍ୟ କରିବେ ବୋଲି ଶପଥ ପାଠ କରିଥିଲେ । ଏହାପରେ ସଭାପତି ମନୋଜ କୁମାର ଦାଶଙ୍କ ଅଧକ୍ଷତାରେ ଏକ ଭାଗବତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଉପରୋକ୍ତ ସଦସ୍ୟ ମାନଙ୍କ ସହିତ ଶ୍ରୀଯୁକ୍ତ ପ୍ରଫୁଲ ପେଣ୍ଡେଇ, ପ୍ରତାପ ବେହେରା, କାହ୍ନୁଚରଣ ପ୍ରଧାନ, ଚନ୍ଦ୍ରଶେଖର ଉପାଧ୍ୟାୟ, ବିଦ୍ୟୁତ୍‌ପ୍ରଭା ଦେବୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V

TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray